

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA    ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ



IAS COLLECTOR
PARUL PATAWARI

Vol.5 | Issue- 49 | May 16 to 22, 2022, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୪୯ | ମଇ ୧୬ ରୁ ୨୨, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ବିଧାୟକଙ୍କୁ ବରବାଦ୍ କରିଦେବି

**କଟକ(ସଂପର୍କବାର୍ତ୍ତା):-** ମଝିରେ କିଛି ମାସର ନୀରବତା ପରେ, ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାର ଜଣେ ବିଧାୟକଙ୍କ ସହ ତାଙ୍କ ତଥାକଥିତ ପ୍ରେମିକାଙ୍କ ଚର୍ଚ୍ଚିତ କାହାଣୀ ଏବେ ପୁଣି ତାଜା ହୋଇଛି। ଆଗରୁ ଉଭୟଙ୍କ ଯୁଗଳବନ୍ଦୀ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇ ବେସ୍ ଚର୍ଚ୍ଚା ଓ ବିତର୍କ ସାଉଣ୍ଟିଥିଲା। ଏଥରକ କିନ୍ତୁ ସଂପୃକ୍ତ ଯୁବତୀ କେବଳ ବିବାହ ଜିଦ୍‌ରେ ଅଟଳ ରହିନାହାଁନ୍ତି, ଆଇନ୍‌ଗତ ଲଢେଇ ଦିଗକୁ ପାଦ ବଢାଇଛନ୍ତି। ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ସେ ଶୁକ୍ରବାର ଜଗତସିଂହପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣିବାକୁ ମିଳିଛି। ଏହି ହାଇପ୍ରୋଫାଇଲ୍ ଘଟଣାରେ ପୋଲିସ୍ କିନ୍ତୁ ମାପିଚୁପି କାମ କରୁଛି। ଏହାସହ ଦୁଇଦିନ ଭିତରେ କିଛିଗୋଟେ ପଦକ୍ଷେପ ନେବେ ବୋଲି ସଂପୃକ୍ତ ଯୁବତୀଙ୍କୁ ଏସ୍‌ପି ପ୍ରତିଶ୍ରୁତି ଦେଇଥିବାର ଚର୍ଚ୍ଚାର ପରିଧିକୁ ଆସିଛି। ଅନ୍ୟପଟେ ଶନିବାର ଦିନ ସଂପୃକ୍ତ ବିଧାୟକଙ୍କ ମଧ୍ୟସ୍ଥି ସାଜି କିଛି ସମର୍ଥକ ଏବଂ ଜଣେ ଲୋକେ




ପ୍ରତିନିଧି ସଂପୃକ୍ତ ଯୁବତୀଙ୍କୁ କୁଆଡେ ଭେଟିଛନ୍ତି। ଆଲୋଚନା ବେଳେ ଯୁବତୀଜଣକ କିନ୍ତୁ ବିବାହ କରିବା ଜିଦ୍‌କୁ ଦୋହରାଇଛନ୍ତି। ଏମିତିକି କୁଆଡେ କହିଛନ୍ତି ଆଗେ କୋର୍ଟରେ ବିବାହ। ସାତ ଦିନ ଭିତରେ ରିଂଗ୍ ସେରିମନି ଓ ଜୁଲାଇ ମାସରେ ବିବାହ କରିବାକୁ ପ୍ରସ୍ତାବ ରଖିଛନ୍ତି। ଅବଶ୍ୟ କୋର୍ଟ ମ୍ୟାରେଜ୍ କରିଦେଲେ ବିବାହ ତାରିଖ ପରେ ହେଲେ ଚଳିବ ବୋଲି ସଂପୃକ୍ତ ଯୁବତୀ ମଧ୍ୟସ୍ଥିଙ୍କୁ କୁଆଡେ କହିଛନ୍ତି। କିନ୍ତୁ ବିବାହ ପ୍ରସ୍ତାବରେ ରାଜି ନ ହେଲେ ଆଇନ୍‌ର ସାହାରା ନେଇ ବିଧାୟକଙ୍କୁ ତଳିତଲାନ୍ତ(ବରବାଦ୍) କରିଦେବାର ପରୋକ୍ଷରେ ଧମକ ଦେବାକୁ ସଂପୃକ୍ତ ଯୁବତୀ ପଛାଇନାହାଁନ୍ତି। ଅପରପକ୍ଷରେ, ବିଧାୟକଙ୍କ ନିଷ୍ପତ୍ତି କ'ଣ ରହିବ ତାହା ଜଣାଇ ଦିଆଯିବ ବୋଲି ମଧ୍ୟସ୍ଥିମାନେ ଯୁବତିଙ୍କୁ ଅବଗତ କରି ଫେରିଥିବା ଖବର ପ୍ରକାଶ ପାଉଛି। ଏ ପର୍ଯ୍ୟନ୍ତ ଏ ନେଇ ବିଧାୟକ ସଂପୂର୍ଣ୍ଣ ମୌନବ୍ରତ ଧାରଣ କରିଥିବାରୁ ପୁରା ଘଟଣା ପଛର ରହସ୍ୟ ଉପରୁ ପରଦା ହଟିପାରୁନି। ମିଳିଥିବା ସୂଚନା ମୁତାବକ କୁଆଡେ ବିଧାୟକଙ୍କୁ ବିବାହକୁ ଦୁଇବର୍ଷ ଘୁଞ୍ଚାଇବାକୁ ଚାହୁଁଛନ୍ତି। ମାତ୍ର ଏଥିରେ କେତେ ସତ୍ୟତା ରହିଛି ତାହା ଜଣାପଡୁନାହିଁ। କାରଣ ପୋଲିସ୍ ଏ ସଂପର୍କରେ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହଁନ୍ତି। ଅନ୍ୟପକ୍ଷରେ, ମଧ୍ୟସ୍ଥି ଯାଇଥିବା କୁଆଡେ କହୁଛନ୍ତି ବିଧାୟକ(ଟୋକା)କୁ ପାନେ ହେବା ଦରକାର। ହୁକୁ ହୁକୁ ହେଉଥିଲା ! ଏବେ ବାମ୍ଫ ନେଉ !

## ବିଧାୟକଙ୍କ ବିରୋଧରେ ଏତଲା ! ଯୁବତୀ ଆଣିଲେ ସଂଗୀନ ଅଭିଯୋଗ...

ଭୁବନେଶ୍ୱର ୧୪/୦୫: ଜଗତସିଂହପୁର ଜିଲ୍ଲାର ଜଣେ ବିଧାୟକଙ୍କ ବିରୋଧରେ ଜଣେ ଯୁବତୀ କିଛି ସଂଗୀନ ଅଭିଯୋଗ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆଣିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବାକୁ ମିଳିଛି ।

ନିକଟ ଅତୀତରେ ମଧ ସମ୍ପୃକ୍ତ ଯୁବତୀ ସୋସିଆଲ ମିଡିଆରେ ଏହି ବିଧାୟକଙ୍କ କିଛି ଫଟୋ ପୋଷ୍ଟ କରି ଚର୍ଚ୍ଚାକୁ ଆସିଥିଲେ । ସେତେବେଳେ ଏହା ପ୍ରେମଜନିତ ଘଟଣା ବୋଲି ଗୁଞ୍ଜରଣ ଖେଳିଥିଲା । ଆଜି କିନ୍ତୁ ଯୁବତୀ ଜଣକ ବିଧାୟକଙ୍କ ବିରୋଧରେ ଶୋଷିତ ହୋଇଥିବା ଭଳି ସଂଗୀନ ଅଭିଯୋଗ ରଖିଛନ୍ତି ଏବଂ ଏହା ଏକ ହାଇପ୍ରୋଫାଇଲ ଘଟଣା ହୋଇଥିବାରୁ ପୁଲିସ କୌଣସି ପ୍ରକାର ମୁହଁ ନଖୋଲି ଦୁଇଦିନ ମହଲତ ନେଇଛନ୍ତି ଏବଂ ଅଭିଯୋଗକାରିଣୀଙ୍କୁ ଏହି ସମୟ ଭିତରେ ମୁହଁ ବନ୍ଦ ରଖି ପୁଲିସ ଆଇନ ଅନୁସାରେ ନିରପେକ୍ଷ ତଦନ୍ତ କରିବ ବୋଲି ପ୍ରତିଶ୍ରୁତି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ।

# ଦୁଃଖର ସାଥୀ ବାପି ସାର୍ଖେଲ୍

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ପାରାଦ୍ୱୀପରେ ଦୁଃଖ-ସୁଖର ସାଥୀ **ଲୋକପ୍ରିୟ ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସାର୍ଖେଲ** ବୋଲି ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଠୁଁ ଆରମ୍ଭ କରି ଶ୍ରମିକମାନେ ଆଲୋଚନା କରୁଛନ୍ତି। ନିକଟରେ **"ଆମ ପାରାଦ୍ୱୀପ, ଆମ ପ୍ରଗତି"** ସଂଗଠନ କରି ଗତ ପୌର ନିର୍ବାଚନରେ ନାମିଦାମୀ ତଥା ଦ଼ିମାର୍କିଆ ନେତାମାନଙ୍କୁ ରାଜନୀତି କିପରି କରାଯାଏ ତା'ର ଏକ ଉଦାହରଣ ଦେଇ ୮ଜଣ ପୌର କାଉନ୍‌ସିଲର ବିଜୟୀ କରାଇବା ଏହା ଏକ ପ୍ରକାର ଐତିହାସିକ ଘଟଣା ବୋଲି ବର୍ଣ୍ଣନା କରୁଛନ୍ତି। ବାପି ସାର୍ଖେଲଙ୍କୁ ଯଦି ଏହିପରି କାର୍ଯ୍ୟକ୍ରମ ଚାଲୁ ରହେ ଆଗାମୀ ଦିନରେ ପାରାଦ୍ୱୀପରେ ଆଉ କୌଣସି ନେତା ଉଧେଇବାର ପ୍ରଶ୍ନ ଉଠୁନାହିଁ ବୋଲି ମଧ୍ୟ କୁହାଯାଉଛି।



ନିକଟରେ ବାପି ସାର୍ଖେଲ୍ ପ୍ରତିଶ୍ରୁତି ଦେଇଥିବାକୁ ପୂରଣ କରିଥିବା ନେଇ ଏପରି ଆଲୋଚନା ହେଉଛି। ଯାହା କୁହାଯାଉଛି ନେହେରୁ ବଙ୍ଗଳାକୁ ସଂଯୋଗ କରୁଥିବା ରାସ୍ତାରେ ଭାରିଯାନଗୁଡିକ ଯାତାୟାତ ଓ ଭିଡ ଜମାଉଥିବା

(ପୃଷ୍ଠା-୨)

# ସାମ୍ବାଦିକଙ୍କ ନାଁରେ ରେପ୍ କେସ୍ ଦେବେ ସାମ୍ବାଦିକ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ସହରରେ ସାମ୍ବାଦିକ ମୁଣ୍ଡ ଟେକି ଚାଲିବା ଚିନ୍ତାର ବିଷୟ ବୋଲି ଆଲୋଚନା ହେଉଛି। କେତେକ କଳୁଷିତ ବ୍ୟକ୍ତି ସାମ୍ବାଦିକ ବୃତ୍ତିକୁ ଆଦେରି ନେଇ ସମାଜରେ ପ୍ରତିଷ୍ଠିତ ହେବାକୁ ଚାହୁଁଥିବା ବେଳେ ହୀନ କାର୍ଯ୍ୟ କରିବାରେ ବି ମଧ ପଛଘୁଞ୍ଚା ଦେଉନଥିବା କୁହାଯାଉଛି। ଆବଶ୍ୟକ ପଡିଲେ ନିଜ ସ୍ତ୍ରୀ ଓ ଝିଅଙ୍କୁ ଲଗାଇ ସାମ୍ବାଦିକଙ୍କ ବିରୁଦ୍ଧରେ ରେପ୍ କେସ୍ ଦେବାକୁ ପଛେଇବେନାହିଁ ବୋଲି ସାମ୍ବାଦିକ ଜଣକ କହୁଥିବା ଅଭିଯୋଗ ଉଠୁଛି। ଜନୈକ ସାମ୍ବାଦିକ ନିଜ ସ୍ତ୍ରୀ ଓ ଝିଅଙ୍କୁ ଲଗାଇ ରେପ୍ କେସ୍ ଦେବା ବା ବଳାତ୍କାର କେସ୍‌ରେ ଫସେଇ ଦେବାକୁ କହୁଥିବା ବେଳେ ଏସବୁକୁ ଭୟଭୀତ କରି ଦୁଇ ତିନିଜଣ ସାମ୍ବାଦିକ ନିଜର ସମ୍ମାନ ଯୋଗୁଁ ଲୁଚିକରି ବୁଲୁଥିବା ମଧ ଆଲୋଚନା ହେଉଛି। ଜଗତସିଂହପୁର ସହରରେ ହାତଗଣତି କିଛି ସାମ୍ବାଦିକ ଏପରି ସ୍ତରକୁ ଗଲେଣି ଯେ, ବିଗତ ୫ ବର୍ଷ ପୂର୍ବେ ଏପରି ପରିସ୍ଥିତି ନଥିଲା, ବର୍ତ୍ତମାନ ଯାହାସବୁ ଘଟୁଛି। ଯେଉଁଠି ଦେଖିବ ସାମ୍ବାଦିକଙ୍କ ସଂକ୍ରାନ୍ତରେ ଟୁପୁଟୁପୁ ଫୁସୁଫୁସୁ ଗପ ଚାଲିଥିବା ଶୁଣିବାକୁ ମିଳୁଛି। କିଏ କେଉଁଠି ଗୋଡ ଧରିଲାଣି ତ କିଏ କେଉଁଠି ଅଫିସରଙ୍କ ବେଡ୍ ପାର୍ଟନର ହୋଇ ପଇସା ହାତେଇବା ପାଇଁ ପଛାଉନାହାଁନ୍ତି।

# ବାଲିକୁଦା ଆର୍‌ଡି ରାସ୍ତା ୧୫ ଦିନରେ ଆଁ !

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଆର୍‌ଡି ଅଧିନ ବାଲିକୁଦା ବିଭାଗ ଦ୍ୱାରା ହେଉଥିବା ରାସ୍ତା କାମ ଅତି ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଛି। ଏହି ଅଭିଯୋଗ ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନଥିବା ନେଇ ସାଧାରଣରେ ଦୁଃଖ ପ୍ରକାଶ କରାଯାଉଛି। ଖବରରୁ ପ୍ରକାଶ ବାଲିକୁଦା ଆର୍‌ଡି ବିଭାଗ ପକ୍ଷରୁ ଅଢଙ୍ଗା ଠାରୁ ୩.୨୦୦ କିମି ଦୂରତ୍ୱ ବିଶିଷ୍ଟ ଏକ ଢଳେଇ ରାସ୍ତା ନିର୍ମାଣ ପାଇଁ ୧୯୦୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଜଣେ ଠିକାଦାରଙ୍କ ମଧ୍ୟମରେ ନିର୍ମାଣ କାର୍ଯ୍ୟ କରାଯାଉଛି। ୩୦ ଅକ୍ଟୋବର ୨୦୨୧ରୁ ଉକ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ୨୯ ଜୁଲାଇ ୨୦୨୨ରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବା ନେଇ ସମୟ ଧାର୍ଯ୍ୟ କରାଯାଇଛି। ତେବେ ଢଳେଇ ରାସ୍ତା ନିର୍ମାଣ କରାଯିବାର ୧୫ ଦିନ ମଧ୍ୟରେ ପ୍ରାୟ ୨ କିମି ଦୂରତ୍ୱ ପର୍ଯ୍ୟନ୍ତ ରାସ୍ତାର ଏକ ପାର୍ଶ୍ୱରୁ ୩ ଫୁଟ ଚଉଡାର ଏକ ଫାଟ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଉଥିଲେ ମଧ ବିଭାଗୀୟ ଉଚ୍ଚପଦସ୍ତ ଅଧିକାରୀ ଦୃଷ୍ଟି ଦେଉନଥିବା ନେଇ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନା ଥାଉକି ଏ ସଂକ୍ରାନ୍ତରେ ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସଙ୍କ ସମେତ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା କରାଯାଇଥିବା ନେଇ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଦାସ ଜିଲ୍ଲା ପରିଷଦର ସାଧାରଣ ବୈଠକରେ କଥା ଉଠାଇଥିଲେ ମଧ ଏ ଯାଏ ବିଭାଗୀୟ ଅଧିକାରୀ ରାସ୍ତା ନିର୍ମାଣସ୍ଥଳ ପରିଦର୍ଶନ କରିନାହାଁନ୍ତି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ବାଲିକୁଦା ଡିଭିଜନ୍‌ରେ ଥିବା ଯନ୍ତ୍ରୀ ଜଗତସିଂହପୁର ଜିଲ୍ଲାରେ ଦୀର୍ଘ ବର୍ଷ ରହିଆସୁଥିବାରୁ ମନମୁଖୀ ଭାବେ ନିମ୍ନମାନର ରାସ୍ତା ନିର୍ମାଣ କରି ହାତ ଚିକ୍କଣ କରିଆସୁଥିବା ଅଭିଯୋଗ ହେଉଛି। ଜିଲ୍ଲାରେ କାର୍ଯ୍ୟ କରୁଥିବା ଯନ୍ତ୍ରୀଙ୍କ ସଂକ୍ରାନ୍ତରେ ଯଦି ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯାଇପାରନ୍ତା ଅଧିକାଂଶ ଯନ୍ତ୍ରୀଙ୍କର ଆୟବହିର୍ଭୂତ ସଂପତ୍ତି ବା ଅମାପ ସଂପତ୍ତି ଠାବ ହୋଇପାରନ୍ତା ବୋଲି ଅଭିଯୋଗକାରୀମାନେ ଏପରି ମନ୍ତବ୍ୟ ରଖୁଥିବା ଲକ୍ଷ୍ୟ କରାଯାଉଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଡିଭିଜନ୍ ଯନ୍ତ୍ରୀଙ୍କ ସହିତ ଗଣମାଧ୍ୟମ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଉଠାଇ ନଥିବାର ଖବର ପ୍ରକାଶ ପାଇଛି।

**ତଦନ୍ତ ଲାଗି ସଚିବ ପ୍ରଦୀପ ଜେନାଙ୍କୁ ଅନୁରୋଧ**



# ଅପରାଜିତାଙ୍କ ହାତ ଛାଡୁଛନ୍ତି ନେତା ଓ କର୍ମୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶାର ଲୋକପ୍ରିୟ ସାଂସଦ ହେଉଛନ୍ତି ଅପରାଜିତା ଷଡଙ୍ଗୀ। ଭୁବନେଶ୍ୱର ସାଂସଦ ହୋଇଥିଲେ ବି ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ତାଙ୍କର ସମର୍ଥକମାନେ ରହିଛନ୍ତି। ଖାଲି ଭୁବନେଶ୍ୱର ନୁହେଁ ଏବେ ସେ ସାରା ରାଜ୍ୟରେ ସାଂଗଠନିକ ବିସ୍ତାର କରିବାରେ ଲାଗିଛନ୍ତି। ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ସେ ସାରା ରାଜ୍ୟ ବୁଲୁଛନ୍ତି ବୋଲି କହୁଛନ୍ତି। ତେବେ ଦଳୀୟ ସଂଗଠନ ଆଳରେ ସେ ନିଜର ବ୍ୟକ୍ତିଗତ



ଲୋକସଂପର୍କ ଓ ଲୋକପ୍ରିୟତାକୁ ବୃଦ୍ଧି କରୁଛନ୍ତି ବୋଲି ତାଙ୍କର ସମାଲୋଚକମାନେ ମତପ୍ରକାଶ କରୁଛନ୍ତି।


ଗୋଟିଏ ପଟେ ଅପରାଜିତା ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରି ଶୋଭାଯାତ୍ରା କରୁଥିବାବେଳେ, ଅପରପକ୍ଷରେ ତାଙ୍କ ବିରୋଧରେ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ଅନେକ ବିଜେପି ନେତା ଓ କର୍ମୀ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଦେଇଛନ୍ତି।

ଏକଦା ଅପରାଜିତା ଖାସ ଅନୁଗତ କୁହାଯାଉଥିବା ଦେବାଶିଷ ନାୟକ ଏବେ ଅପରାଜିତାଙ୍କ ସାଙ୍ଗରେ ନଥିବା ଚର୍ଚ୍ଚା ହେଉଛି। ଅପରାଜିତାଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ଗସ୍ତ ସମୟରେ ଦେବାଶିଷ ତାଙ୍କର ପାଖେପାଖେ

(ପୃଷ୍ଠା-୨)

# ମୁହଁ ଖୋଲିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦେଶରେ ମହଙ୍ଗାମାଡ ସାଧାରଣ ଲୋକଙ୍କ ଅଣ୍ଟା ଭାଙ୍ଗିଦେଇଥିବା ବେଳେ ଦିଲ୍ଲୀ ଠାରୁ ଓଡ଼ିଶା ପର୍ଯ୍ୟନ୍ତ ଧାର୍ମିକ ସ୍ଥଳ ଓ ଧର୍ମକୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି। ଏହି କ୍ରମରେ ଉତ୍ତର ପ୍ରଦେଶରେ ଥିବା ଜ୍ଞାନବାପୀ ମସଜିଦକୁ ନେଇ ସର୍ଭେ ଆରମ୍ଭ ହୋଇଥିବା ବେଳେ ପୁରୀରେ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିରର




ଉନ୍ନତିକରଣ ପାଇଁ ଚାଲିଥିବା କାମକୁ ନେଇ ବିରୋଧୀଦଳ ରାଜନୀତିରେ ମାତିଛନ୍ତି। ଏସବୁ ଭିତରେ ପୁରୀ ପରିକ୍ରମା ପ୍ରକଳ୍ପକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁହଁ ଖୋଲିଛନ୍ତି। ସେ ଆଜି ପୁରୀର ପରିକ୍ରମା ପ୍ରକଳ୍ପ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ ବିରୋଧ କରି ନ ଥିଲେ ବି ନିୟମ କାନୁନ ପରିଧିରେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ହେଉ ବୋଲି କହିଛନ୍ତି। ଏହାସହ

(ପୃଷ୍ଠା-୨)

# ଜଗତସିଂହପୁରରେ ସାମ୍ବାଦିକ ଗୋଡ଼ ଧରିଲେ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଖବରଟି ବିଳମ୍ବରେ ସାମ୍ନାକୁ ଆସିଥିଲେ ମଧ ଘଟଣାଟି ୧୦୦% ସତ ବୋଲି ଜଣାପଡିଛି। ତଥାଗ... ବାବୁଙ୍କ କାଗଜରେ ଜଗତସିଂହପୁରରେ ସାମ୍ବାଦିକତା କରୁଥିବା ସଂପୃକ୍ତ ସାମ୍ବାଦିକ ଜଣକ ନିଜକୁ ଗିହାଳିଆ ବୋଲି ଉପରେ ପରିଚୟ ଦେଇ ଭିତରେ ବଟି ମାଗି ଗୋଡ ଧରୁଥିବା ଘଟଣା ଲୋକଲୋଚନକୁ ଏବେ ଧିରେ ଧିରେ ଆସିବାରେ ଲାଗିଛି। ଖବରରୁ ଜଣାପଡିଛି ନିର୍ଦ୍ଦିଷ୍ଟ ଏକ ଇଂରାଜୀ ମିଡିୟମ୍ ସ୍କୁଲ୍ ବିରୁଦ୍ଧରେ କ୍ରମାଗତ ଭାବେ ଉଦ୍ଦେଶ୍ୟମୂଳକ ଖବର ଛାପିବା ଏବଂ ଆଉ ନ ଛାପିବା ପାଇଁ ସ୍କୁଲ୍‌ର ଚେୟାରମ୍ୟାନ୍‌କୁ ୫୦ ହଜାର ଟଙ୍କା ବଟି ମାଗୁଥିଲେ। ହେଲେ ଚେୟାରମ୍ୟାନ୍ ଶ୍ରୀ ମହାନ୍ତି ଜଣେ ଟାଣୁଆ ଓ ବିତ୍ତଶାଳୀ ହୋଇଥିବାରୁ ନୋଟିସ୍ ପଠାଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ବା ମାଲିକ ନ ଜାଣିବା ଲାଗି ନୋଟିସ୍‌କୁ ଦଫାରଫା କରିବା ବାବଦରେ ଜଣେ ଓକିଲଙ୍କ ନିକଟରେ ପହଞ୍ଚି ନିଜର ସୁରକ୍ଷା ଲାଗି ଓକିଲଙ୍କ ଗୋଡ ଧରି ଗୋଡତଳେ ପଡିଥିଲେ। ଏହି ଖବର ସହରରେ କିଛି ସାମ୍ବାଦିକଙ୍କ ମଧ୍ୟରେ ଜବରଦସ୍ତ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ, ଜିଲ୍ଲା ସାମ୍ବାଦିକ ସଂଗଠନ କରି **"ଜିଲ୍ଲା ପ୍ରେସ୍ କ୍ଲବ୍"** ନାଁରେ ଚାନ୍ଦା ଆଦାୟ କରିବା ଏବଂ ସଂଗଠନର କିଛି ସଭ୍ୟଙ୍କୁ ଅନ୍ଧାରରେ ରଖି ବ୍ୟକ୍ତିଗତ ଚାନ୍ଦା ଆଦାୟ କରୁଥିବା ନେଇ ଜଣାପଡିଲା ପରେ ବର୍ତ୍ତମାନ ଉକ୍ତ ସାମ୍ବାଦିକ ସଂଗଠନଟି ଦୁଇଭାଗ ହୋଇଯାଇଛି। ଉକ୍ତ ସଂଗଠନ ନାମରେ କିଛି ଅର୍ଥ କିଛି କର୍ମଚାରୀଙ୍କ ନାଁରେ ଖୋଲାଯାଇଥିବା ଆକାଉଣ୍ଟରେ ଜମା ଥିବା ବେଳେ ସଂଗଠନର କାଗଜପତ୍ର ଅନ୍ୟକିଛି ସଭ୍ୟଙ୍କ ନିକଟରେ ରହିଯାଇଥିବା ଯୋଗୁଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାଫଳରେ ପରସ୍ପର ପରସ୍ପର ମଧ୍ୟରେ ଓକିଲ ନୋଟିସ୍ ପଠାଉଥିବା ଶୁଣିବାକୁ ମିଳୁଛି। ଏପରି ଅନେକ ବିବାଦୀୟମାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବା ବେଳେ ସଂପୃକ୍ତ ନେତା ସାମ୍ବାଦିକଙ୍କ ନାମରେ ଏପରି ଅଭିଯୋଗ ବିଳମ୍ବରେ ହେଲେ ମଧ୍ୟେ ସାମ୍ନାକୁ ଆସୁଥିବା କୁଆଡେ ଗୋଡ ଧରି ଗୋଡଗଳେ ପଡିବା ବିଷୟଟି, କ୍ରମଶ...

# ମହିଳାଙ୍କୁ ମ୍ୟାନେଜରଙ୍କ ହତ୍ୟା ଧମକ

**କଟକରେ ଚାଞ୍ଚଲ୍ୟ**

**କଟକ(ସଂପର୍କବାର୍ତ୍ତା):-** ଋଣ ମଂଜୁର କରିବା ଲାଗି ଏକ ବ୍ୟାଙ୍କର ମ୍ୟାନେଜର ଲାଞ୍ଚ ମାଗୁଛନ୍ତି ବୋଲି ଜଣେ ମହିଳା ଉଦ୍ୟୋଗୀ କିଛି ଦିନ ପୂର୍ବେ ଅଭିଯୋଗ କରିଥିଲେ। ଏହାକୁ ନେଇ ସେ ମଧୁପାଟଣାଛକରେ ଥିବା ବ୍ୟାଙ୍କ ସମ୍ମୁଖରେ ଧାରଣାରେ ମଧ ବସିଥିଲେ। ଏହି ଘଟଣା ବଡରୂପ ନେବାରେ ଲାଗିଛି। ମହିଳା ଜଣକ ପୁଣି ଥରେ ଉକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତି। ବ୍ୟାଙ୍କ ମ୍ୟାନେଜର ଜଣକ ବିଚ୍ ରାସ୍ତାରେ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ରାଜେନ୍ଦ୍ରନଗର ଅଂଚଳରେ ରହୁଥିବା ମହିଳା ଉଦ୍ୟୋଗୀ ପାର୍ବତୀ ନାୟକ ପୂର୍ବରୁ ଏକ ବ୍ୟାଙ୍କର ମ୍ୟାନେଜରଙ୍କ ବିରୋଧରେ ସଂଗୀନ ଅଭିଯୋଗ ଉଠାଇଥିଲେ। ସେ ଶୁକ୍ରବାର ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ ସକାଳ ପ୍ରାୟ ସାଢେ ୯ଟା ସମୟରେ ସେ ଓଏମ୍‌ପିରୁ ଚାଲି ଚାଲି ଘରକୁ ଫେରୁଥିଲେ। ସ୍ଥାନୀୟ ଏକ ହସ୍ପିଟାଲ ନିକଟରେ ହଠାତ୍ ଉକ୍ତ ବ୍ୟାଙ୍କ ଶାଖାର ମ୍ୟାନେଜର ଓ ଅନ୍ୟ ଜଣେ ବ୍ୟକ୍ତି ରାତିରେ ଆସି ତାଙ୍କୁ ଅଟକାଇଥିଲେ। ସେଠାରେ ପୂର୍ବ ବିଷୟକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

(ପୃଷ୍ଠା-୨)

# ବିଶ୍ୱରୁ ନିଶ୍ଚିହ୍ନ ହୋଇଯିବ ବ୍ରିଟେନ-ରୁଷ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱର ମାନଚିତ୍ରରୁ ନିଶ୍ଚିହ୍ନ ହୋଇଯିବ ବ୍ରିଟେନ ୟୁକେକୁ ସମୁଦ୍ରରେ ବୁଡାଇଦେବୁ ବ୍ରିଟେନକୁ ଏପରି ଖୋଲାଖୋଲି ଶେଷ କରିଦେବା ଧମକକୁ ନେଇ ଚର୍ଚ୍ଚା ରୁଷର ଏକ ଟିଭି ଚ୍ୟାନେଲ ମାତ୍ର ଗୋଟିଏ ଉତକ୍ଷେପଣ ନା ବୋରିସ୍ ରହିବେ ନା ବ୍ରିଟେନ୍ ରହିବ।ୟୁକେନ ଉପରେ ହାଇପରସୋନିକ୍ ମିଶାଇଲ ସାଟନ୍ -୨ଦ୍ୱାରା ଆକ୍ରମଣ କରିବାକୁ କହିଛନ୍ତି ଦିମିତ୍ରୀ ଏହି ମିଶାଇଲ୍ ଆକ୍ରମଣ ପରେ ଭୟଙ୍କର ସୁନାମୀ ଆସିବ। ଏପରିକି ସୁନାମୀକୁ ୧୬ଶହ ୪୦ଫୁଟ ପର୍ଯ୍ୟନ୍ତ ଆକ୍ଟିଭ କରିବାର କ୍ଷମତା ରଖିଛି ସାଟନ୍ -୨ଏହି ସୁନାମିରେ ଶେଷ ହୋଇଯିବ ବ୍ରିଟେନ। ବାହୁବଳୀ ମିଶାଇଲ୍ ଆକ୍ରମଣରେ ବ୍ରଟେନ୍ ସମୁଦ୍ରରେ ବୁଡି ନିଶ୍ଚିହ୍ନ ହୋଇଯିବ। ସମଗ୍ର ବ୍ରିଟେନ୍ ରେଡିଓଆକ୍ଟିଭ୍ ପରିଣତ ହୋଇଯିବ। ୟୁକ୍ରେନ୍‌କୁ ସମର୍ଥନ କରୁଥିବାରୁ ୟୁକେକୁ ଏପରି ଖୁଲ୍ଲମଖୁଲା ଉଡାଇଦେବା ଧମକ ଦେଇଛି ରୁଷ।

# ପ୍ରବଳ ପବନରେ ବ୍ରିଜ୍ ଭୁଶୁଡିଛି




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡକାରୀ ସୋମବାର କହିଛନ୍ତି ଯେ ବିହାର , ସୁଲତାନଗଞ୍ଜରେ ଏକ ନିର୍ମାଣାଧୀନ ସେତୁରେ ଏକ ଅଂଶ ଭୁଶୁଡିପଡିବା ଘଟଣାର କାରଣକୁ ପ୍ରବଳ ପବନ ବୋଲି ଜଣେ ଆଇଏଏସ ଅଧିକାରୀ ଦର୍ଶାଇବା ଘଟଣାରେ ମୁଁ ମାରେ ସଚିବଙ୍କୁ ଏହାର କାରଣ ବିଷୟରେ ପଚାରିଲି ସେ କହିଛନ୍ତି ଯେ ପ୍ରବଳ ପବନ କାରଣରୁ ଏହା ହୋଇଛି ବୋଲି ଶ୍ରୀ ଗଡକରୀ ଏଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ କହିଛନ୍ତି ଯେ ଜଣେ ଆଇଏଏସ କିପରି ଏପରି ବ୍ୟାଖ୍ୟାକୁ ବିଶ୍ୱାସ କରିପାରିବେ ବୋଲି ସେ ଆଶ୍ଚର୍ଯ୍ୟ ହୋଇଥିଲେ। ପ୍ରବଳ ପବନ ହେତୁ ଏକ ପୋଲ କିପରି ଭୁଶୁଡିପାରେ ମୁଁ ବୁଝିପାରିଲି ନାହିଁ। ଏହା କିଛି ତ୍ରୁଟି ରହିବା ଆବଶ୍ୟକ ଯାହା ପାଇଁ ପୋଲ ଭୁଶୁଡି ପଡିଥିଲା ନିଜର ଖୋଲା ମତ ପାଇଁ ଜଣାଶୁଣା ଶ୍ରୀ ଗଡକରୀ ଆହୁରି ମଧ ଗୁଣବତ୍ତା ଉପରେ ଆପୋଷ ବୁଝାମଣା ନକରି ସେତୁ ନିର୍ମାଣ ଖର୍ଚ୍ଚ ହ୍ରାସ କରିବାର ଆବଶ୍ୟକତା ମଧ ମନ୍ତ୍ରୀ ଗୁରୁତ୍ୱରୋପ କରିଥିଲେ। ସୁଲତାନଗଞ୍ଜ ବିଧାୟକ ଲଳିତ ନାରାୟଣ ମଣ୍ଡଳ ପୂର୍ବରୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୋଲ ଭୁଶୁଡିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସେତୁ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏହା ଅନୁସନ୍ଧାନର ବଷିୟ ଯେ ୧,୭୧୦କୋଟି ବ୍ୟୟରେ ନିର୍ମାଣ କରା ଯାଉଥିବା ନିର୍ମାଣାଧୀନ ସେତୁ ପ୍ରବଳ ପବନକୁ ସହ୍ୟ କରିପାରିଲା ନାହିଁ ବୋଲି ସେ କହିଥିଲେ।

**କେନ୍ଦ୍ରମନ୍ତ୍ରୀଙ୍କୁ ଭୂଆଁ ବୁଲାଇଲେ ଆଇଏଏସ୍**

# ମଦ ପିଇବାରେ ଓଡ଼ିଶା ଆଗରେ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସର୍ବଭାରତୀୟ ହାର ଅପେକ୍ଷା ଓଡ଼ିଶାରେ ଅଧିକ ହେଉଛି ମଦ ପାନ। ଏଭଳି ଏକ ରିପୋର୍ଟ ଏବେ ସାମ୍ନାକୁ ଆସିଛି। ସର୍ବଭାରତୀୟ ହାର ତୁଳନାରେ ଓଡ଼ିଶାରେ ପୁରୁଷମାନେ ଅଧିକ ମଦ୍ୟପାନ କରନ୍ତି। ସେମିତି ଓଡ଼ିଶାରେ ମହିଳାମାନେ ବି ସର୍ବଭାରତୀୟ ହାର ଅପେକ୍ଷା ଆଗରେ ରହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ସଦ୍ୟ ପ୍ରକାଶିତ- ଜାତୀୟ ପରିବାର ଜାତୀୟ ସର୍ଭେ ବା ଏନ୍ଏଫ୍ଏଚ୍ଏସ୍-୫ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଓଡ଼ିଶାରେ କାହିଁକି ଅଧିକ ମଦ୍ୟ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନଜର ପକାଇବା ସର୍ବଶେଷ ରିପୋର୍ଟ ଉପରେ-

୧. ସର୍ବଭାରତୀୟ ସ୍ତରରେ ୧୮.୮% ପୁରୁଷ ମଦ୍ୟପାନ କରୁଛନ୍ତି।
୨. ଓଡ଼ିଶାରେ ତା' ଠାରୁ ଅଧିକ ୧୦% ଅଧିକ ଅର୍ଥାତ୍ ୨୮.୮ ପୁରୁଷ ମଦ୍ୟପାନ କରୁଛନ୍ତି।
୩. ୧୫ ବର୍ଷରୁ ଅଧିକ ବୟସର ଲୋକେ ମଦ୍ୟ ପାନ କରୁଛନ୍ତି ସେ ନେଇ ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ।
୪. ୨୦୧୯ରୁ ୨୦୨୧ ମଧ୍ୟରେ ଏହି ସର୍ଭେରେ ଭାରତର ୬,୩୬,୬୯୯ ପରିବାରକୁ ନିଆଯାଇଥିବା ବେଳେ ଓଡ଼ିଶାର ୨୬,୪୭୬ ପରିବାର ଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା।
୫. ଅନ୍ୟପଟରେ ସର୍ବଭାରତୀୟ ହାର ଠାରୁ ଓଡ଼ିଶାରେ ମହିଳାମାନେ ବି ଅଧିକ ସଂଖ୍ୟାରେ ମଦ୍ୟପାନ କରୁଥିବା ରିପୋର୍ଟରେ ଦର୍ଶାଯାଇଛି।
୬. ଭାରତରେ ୧୫ ବର୍ଷରୁ ଅଧିକ ବୟସର ୧.୩% ମହିଳା କରୁଛନ୍ତି ମଦ୍ୟପାନ।
୭. ଓଡ଼ିଶାର ୪.୩% ମହିଳା ମଦ୍ୟପାନ କରୁଥିବା ରିପୋର୍ଟରେ ପ୍ରକାଶ।

# ଦିଲ୍ଲୀରେ ୧ରୁ ଶସ୍ତା ହେବ ମଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଜୁନର ୧ତାରିଖରୁ ମଦ ଶସ୍ତା ହେବ ଦିଲ୍ଲୀ ସରକାର ଜୁନ୍ ୧ତାରିଖ ରୁ ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ଦିଆଯାଉଥିବା ୨୫ପ୍ରତିଶତ ରିହାତିକୁ ସୀମିତ କରିବାକୁ ଯାଉଛନ୍ତି । ଏହା ଘଟିବା ପରେ ମଦ ବିକ୍ରେତାମାନେ ଏମଆରପି କକତଳେ ଯେକୌଣସି ମୂଲ୍ୟରେ ମଦ ବିକ୍ରୟ କରିବାକୁ ସମର୍ଥ ହେବେ। ସୂଚନାଯୋଗ୍ୟ ଯେ, ଦିଲ୍ଲୀ ସରକାର ଏହାର ନିଷ୍ପତ୍ତିର ଫାଇଲକୁ ଉପ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଇଛନ୍ତି। ଏହାସହିତ ଦିଲ୍ଲୀ ସରକାର କହିଛନ୍ତି ଯେ, ଯଦି ଲାଇସେନ୍ସଧାରୀମାନେ ମଦ ବିକ୍ରୟ ପାଇଁ ଆଗୁଆ ଲାଇସେନ୍ସ ଦେୟ ଦେଉଛନ୍ତି ତେବେ ସେମାନଙ୍କୁ ସେହି ଅନୁଯାୟୀ କମ୍ ମୂଲ୍ୟରେ ମଦ ବିକ୍ରୟ କରିବାକୁ ଦିଆଯାଉ । କେବଳ ଏତିକି ଦିଲ୍ଲୀ ସରକାର ମଧ ଭୋର ୩ଟା ପର୍ଯ୍ୟନ୍ତ ରାଜଧାନୀରେ ବାର ଖୋଲିବାକୁ ନିଷ୍ପତି ନେଇଛନ୍ତି। ଏଥିପାଇଁ ଏକ୍ସାଇଜ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ୮୭ ବର୍ଷ ବୟସରେ ଦ୍ୱାଦଶ ଶ୍ରେଣୀ ପାସ୍ କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଇଂରାଜୀରେ ଗୋଟିଏ ଢଗ ରହିଛି ଏଜ୍ ଇଜ୍ ଜଷ୍ଟ ଏ ନମ୍ବର । ଅର୍ଥାତ ବୟସ କେବଳ ଗୋଟିଏ ସଂଖ୍ୟା ଏହି ଢଗକୁ ସେତେବେଳେ ବ୍ୟବହାର କରାଯାଏଯେତେବେଳେ ଜଣେ ବୟସ୍କ ବ୍ୟକ୍ତି କିଛି ଚମକାଇ ଦେବା ଭଳି କାମ କରିନ୍ତି ଏହି ଢଗକୁ ସଠିକ ସାବ୍ୟସ୍ତ କରି ଚର୍ଚ୍ଚାକୁ ଆସିଛନ୍ତି ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ ପ୍ରକାଶ ଚୌତାଲା ସେ ୮୭ବର୍ଷ ବୟସରେ ଦ୍ୱାଦଶ ଶ୍ରେଣୀ ମାସ କରିବାକୁ ସକ୍ଷମ ହୋଇଛନ୍ତି। ସେହିପରି ତାଙ୍କୁ ଏକଥରକେ ହରିଆଣା ବୋର୍ଡ ତରଫରୁ ଉଭୟ ୧୦ଓ ଦ୍ୱାଦଶ ଶ୍ରେଣୀ ର ମାର୍କଶିଟ୍ ମଧ ଦିଆଯାଇଛି। ସେମାବାର ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳର ସୁପ୍ରିମୋ ଶ୍ରୀ ଚୌତାଲା ବୀର ଶିରୋମିଣ ମହାରାଣା ପ୍ରତାପଙ୍କ ୪୨୮ତମ ଜନ୍ମ ବାର୍ଷିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ଏହି ସମୟରେ ହରିଆଣା ଶିକ୍ଷା ବୋର୍ଡର ଅଧିକାରୀମାନେ ଭିଓ୍ନରେ ପହଂଚିଥିଲେ । ସେମାନେ ଶ୍ରୀ ଚୌତାଲାଙ୍କ ପାଖକୁ ଯାଇ ବେଶ ସମ୍ମାନର ସହ ତାଙ୍କୁ ଉଭୟ ୧୦ମ ଓ ଦ୍ୱାଦଶ ଶ୍ରେଣୀର ମାର୍କଶିଟ୍ ହସ୍ତାନ୍ତର କରିଥିଲେ । ସେ ଗତବର୍ଷ ୧୦ମର ଇଂରାଜୀ ବିଷୟରେ ପରୀକ୍ଷା ଦେଇଥିଲେ। ତେବେ ତାଙ୍କ ରେଜଲ୍ଟକୁ ଅଗଷ୍ଟ ୫ରେ ସ୍ଥଗିତ କରି ରଖାଯାଇଥିଲା ସେ ୧୦ମ ଶ୍ରେଣୀର ଇଂରାଜୀ ବିଷୟରେ ପାସ୍ କରି ନଥିବାରୁ ଦ୍ୱାଦଶ ଶ୍ରେଣୀରେ ରେଜଲ୍ଟ ସାର୍ବଜନୀନ କରାଯାଇ ନଥିଲା ଦ୍ୱାଦଶ ଶ୍ରେଣୀ ରେଜଲ୍ଟ ଜାଣିବା ପାଇଁ ଶ୍ରୀ ଚୌତାଲା ପୁଣିଥରେ ୧୦ମ ଶ୍ରେଣୀର ଇଂରାଜୀ ପରୀକ୍ଷା ଦେଇଥିଲେ। ଏହାପରେ ହିଁ ଉଭୟ ଶ୍ରେଣୀରେ ପାସ୍ କରିଥିବା ପ୍ରମାଣପତ୍ର ପାଇଛନ୍ତି।

# ଆସୁଛି ଆଉ ଗୋଟିଏ ଲଘୁଚାପ !

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ପୁଣି ଏକ ଲଘୁଚାପ ସମ୍ଭବତଃ ଆସନ୍ତା ୩/୪ ଦିନ ଭିତରେ ଲଘୁଚାପ ସୃଷ୍ଟି ହୋଇପାରେ। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମଡେଲ୍ ସମ୍ଭାବ୍ୟ ଲଘୁଚାପ ନେଇ ପୂର୍ବାନୁମାନ କରିଛି। ଆସନ୍ତା ଦୁଇ ସପ୍ତାହ ପାଇଁ ଆଇଏମ୍‌ଡି ଜାରି କରିଥିବା ଏକ୍ସଟେଣ୍ଡେଡେଡ୍ ଫୋରକାଷ୍ଟରେ ଏଭଳି ସମ୍ଭାବ୍ୟ ସ୍ଥିତି ବାବଦରେ ସୂଚନା ଦିଆଯାଇଛି।



ଆଇଏମ୍‌ଡି ଇସିଏମ୍‌ଡବ୍ଲୁଏଫ୍ ମଡେଲ୍ ଅନୁସାରେ ମେ' ୧୩ରୁ ୧୯ ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ। ଏହା ଅବପାତ ରୂପ ବି ନେଇପାରେ। ମାତ୍ର ଅଧିକାଂଶ ମଡେଲ୍ ଅବପାତ ସମ୍ଭାବନାକୁ ଖଣ୍ଡନ କରିଛି। ମାତ୍ର ଲାଘୁଚାପ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। କେତେକ ବିଦେଶୀ ପାଣିପାଗ ମଡେଲ୍ ମଧ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା ସୂଚାଇଛନ୍ତି। ଅନ୍ୟପଟେ ଆଇଏମ୍‌ଡି ମୌସୁମୀ ସଂପର୍କରେ ପୂର୍ବାନୁମାନ କରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି, ଦକ୍ଷିଣ-ପଶ୍ଚିମ ମୌସୁମୀ ଆସନ୍ତା ୧୫ ତାରିଖବେଳକୁ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଛୁଇଁବ। ଯାହାକି ୫ ଦିନ ଆଗୁଆ। ପାଗ ଅନୁକୂଳ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ସାଧାରଣତଃ ମେ' ୨୦ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ପ୍ରବେଶ କରେ ମୌସୁମୀ। ଏଥର ମୌସୁମୀ ସଅଳ ଆସିବା ଅନୁମାନ କରାଯାଉଛି। ମାତ୍ର ଏହା ପ୍ରଭାବରେ ଓଡ଼ିଶାରେ ଯେ ମୌସୁମୀ ଶୀଘ୍ର ଆସିବ, ତାହା ଏବେଠାରୁ ଆକଳନ କରାଯାଇପାରିବନାହିଁ। ଆଇଏମ୍‌ଡି ସୂଚନା ଅନୁସାରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପାମାତ୍ରା ସାମାନ୍ୟ ବଢିବ। ୧୯ ରୁ ୨୫ ତାରିଖ ଭିତରେ ରାଜ୍ୟରେ ଗ୍ରୀଷ୍ମ କୋପ ପୁଣି ଅସହ୍ୟ ହେବ। ସେହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ ତାପମାତ୍ରା ଅଧିକ ରହିବ।

# ପ୍ରଥମ ପୃଷ୍ଠାରୁ...

## ଦୁଃଖର...

ଯୋଗୁଁ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବା ଏବଂ ଛାତ୍ରଛାତ୍ରୀଙ୍କୁ ଅଭିଭାବକମାନେ ନେଇଯାଉଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ। ଗତ ୩ ବର୍ଷ ଧରି କରୋନା ମହାମାରୀଜନିତ ବସ୍ ଚଳାଚଳ ବନ୍ଦ ରହିଥିଲା। ନେହେରୁ ବଙ୍ଗଳାରୁ ପାରାଦ୍ୱୀପକୁ ସ୍କୁଲ୍ ବସ୍ ଚଳାଚଳକୁ ଦାବି ହେଉଥିଲେ ବି ବନ୍ଦର କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିଲେ। ନିକଟରେ ପୌର ନିର୍ବାଚନରେ ପାରାଦ୍ୱୀପର **"ଆମ ପାରାଦ୍ୱୀପ, ଆମ ପ୍ରଗତି"**ନେତା ନେହେରୁ ବଙ୍ଗଳାକୁ ପୁନଃ ପ୍ରଚଳନ ବସ୍ ସେବା ଯୋଗାଇ ଦିଆଯିବ ବୋଲି ବାପି ସାର୍ଖେଲ୍ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଅଞ୍ଚଳର **"ଆମ ପାରାଦ୍ୱୀପ, ଆମ ପ୍ରଗତି"** ତରଫରୁ ଜୟନ୍ତୀଙ୍କୁ ପ୍ରାର୍ଥୀ ଦିଆଯାଇଥିବାକୁ ଅଞ୍ଚଳବାସୀ ଭୋଟ ଦେଇ ବିଜୟୀ କରାଇଥିଲେ। ପ୍ରତିଶ୍ରୁତି ଅନୁସାରେ ବନ୍ଦର ଅଧକ୍ଷ ପି.ଏଲ୍. ହାରନାଦ୍‌ଙ୍କ ସହ ବସ୍‌ସେବା ପୁନଃ ଚାଲୁ କରିବା ସଂପର୍କରେ ଆଲୋଚନା କରିଥିଲେ। ଯାହାଫଳରେ ବସ୍ ସେବା ଆରମ୍ଭ ହୋଇଛି। ବିଶେଷ କରି ନେହେରୁବଙ୍ଗଳାବାସୀଙ୍କ ସମସ୍ୟା ସମାଧାନ ହୋଇପାରିଛି। ଏଥିଲାଗି ଶ୍ରୀ ସାର୍ଖେଲ ବନ୍ଦର ଅଧକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅପରାଜିତାଙ୍କ...

ରହୁଥିଲେ। କିନ୍ତୁ ଏବେ ସେ କରଛଡା ଦେବା ଆରମ୍ଭ କରିଛନ୍ତି। ଦେବାଶିଷ ହେଉଛନ୍ତି ଅପରାଜିତାଙ୍କ ଯୁବ ସଂଗଠନ ୟୁଥ ଫର ଆକ୍ସନର ମୁଖ୍ୟ। ସେହିପରି ୟୁଥ ଫର ଆକ୍ସନର ଅନ୍ୟତମ ନେତା ସୁଜିତ ସିଂ ମଧ ଅପରାଜିତାଙ୍କ ସହ ନଥିବା ଚର୍ଚ୍ଚା ହେଉଛି। ନିଜ ସୋସିଆଲ୍ ମିଡିଆ ଡିପିରେ ସେ ଅପରାଜିତାଙ୍କ ଫଟୋ ବି ରଖିନାହାଁନ୍ତି।

ଖାଲି ସେତିକି ନୁହେଁ ଅପରାଜିତାଙ୍କ ପାଇଁ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖୋର୍ଦ୍ଧା, ଜଟଣୀ, ବେଗୁନିଆରେ ଅପରାଜିତାଙ୍କ ଅନୁଗତ ପ୍ରକାଶ ବିଜୁଳି ସଂଗଠନ କରୁଥିବା ବେଳେ ତାଙ୍କୁ ଏବେ ଟକ୍କର ଯତୀନ ମହାନ୍ତି। ଖୋର୍ଦ୍ଧାରେ ଗୋଟିଏ ପଟେ ଅପରାଜିତାଙ୍କ ସମର୍ଥକ ତଥା ଜିଲ୍ଲା ସଭାପତି ରଶ୍ମୀ ମହାପାତ୍ର ଥିବାବେଳେ ଅପରପକ୍ଷରେ ରହିଛନ୍ତି ଧର୍ମେନ୍ଦ୍ରଙ୍କ ଅନୁଗତ କାଳୁଚରଣ ଖଣ୍ଡାୟତରାୟ। ସେହିପରି ଜଟଣୀରେ ଗୋଟିଏ ପଟେ ଧର୍ମେନ୍ଦ୍ରଙ୍କ ଅନୁଗତ ସୁଦୀପ୍ତ ରାୟ ଥିବାବେଳେ ଅପରପକ୍ଷରେ ରହିଛନ୍ତି ଅପରାଜିତାଙ୍କ ଅନୁଗତ ବିଶ୍ୱରଞ୍ଜନ ବଡଜେନା।

ବିଜେପି ଦୁଇ ଫାଳ ହେବାର ପ୍ରଭାବ ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଅପରାଜିତାଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ସତ୍ତ୍ୱେ ସାଂଗଠନିକ ବିବାଦ କାରଣରୁ ବିଜେପି ଆଶାନୁରୂପ ଫଳ ପାଇନଥିଲା। ଆଗାମୀ ଦିନରେ ବିଜେପି ସଂଗଠନ କେଉଁ ମୋଡ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ମୁହଁ...

ପରିକ୍ରମା ପ୍ରକଳ୍ପ ନେଇ ଆସୁଥିବା ଖବରକୁ ନେଇ ସେ ଚିନ୍ତାପ୍ରକଟ କରିଛନ୍ତି।


ଅନ୍ୟପଟେ ଶ୍ରୀମନ୍ଦିର ପାର୍ଶ୍ୱରୁ ହଜାର ହଜାର ବର୍ଷର ପୁରୁଣା ମୂର୍ତ୍ତି ମିଳୁଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ଢଙ୍ଗରେ କହିଛନ୍ତି କି ପୁରାତନ ମୂର୍ତ୍ତି ଓ କିର୍ତ୍ତୀରାଜିକୁ ଅଣଦେଖା କରି ଆଧୁନିକୀକରଣ କରିବା ଉଚିତ୍ ନୁହେଁ।

କହିରଖୁ କି ରାଜ୍ୟ ସରକାର ପୁରୀରେ ଥିବା ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ସେଠି ଉନ୍ନତି କାମ ଜାରି ରଖିଛନ୍ତି। ଏହାକୁ ରାଜ୍ୟ ସରକାର ପରିକ୍ରମା ପ୍ରକଳ୍ପ ବୋଲି ନାମକରଣ କରିଛନ୍ତି। ଏହି କାମକୁ ନେଇ ବିଶେଷ ଭାବରେ ବିଜେପି ନେତା ଓ ମନ୍ତ୍ରୀମାନେ ବିରୋଧ କରୁଛନ୍ତି। କିଛିଦିନ ତଳେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ତଥା ପୁରୀ ସଂସଦୀୟ କ୍ଷେତ୍ରରୁ ବିଜେପି ଟିକ୍‌ଟରେ ସାଂସଦ ପ୍ରାର୍ଥୀ ହୋଇ ପରାଜିତା ହୋଇଥିବା ସମ୍ବିତ ପାତ୍ର ପୁରୀ ଆସି ଏହି ପ୍ରକଳ୍ପକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କୁ ଘେରିଥିଲେ। ସେପଟେ ପୁରୀ ବିଧାନସଭା ଆସନ୍ତରୁ ବିଜେପି ଟିକେଟ୍‌ରେ ବିଧାୟକ ହୋଇଥିବା ଜୟନ୍ତ ଷଡଙ୍ଗୀ ଏହାକୁ କେବେ ବିରୋଧ କରୁଛନ୍ତି ତ କେବେ ରାଜ୍ୟ ସରକାରଙ୍କ କାମକୁ ପ୍ରଶଂସା କରି ବିଜେପି ପାଇଁ ଅଡୁଆ ସୃଷ୍ଟି କରୁଛନ୍ତି।

## ମହିଳାଙ୍କୁ...

ଥାନାରୁ ମାମଲା ପ୍ରତ୍ୟାହାର କରିଲେ ଋଣ ମଂଜୁର କରିଦେବେ ବୋଲି ମ୍ୟାନେଜର ତାଙ୍କୁ କହିଥିଲେ । ମାତ୍ର ଶ୍ରୀମତି ନାୟକ ରାଜି ନହେବାରୁ ମ୍ୟାନେଜର ଓ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ଗାଳୁଗୁଲଜ କରିଥିଲେ । ଏହା ଭିତରେ ଶ୍ରମତି ନାୟକ ଓ ମ୍ୟାନେଜରଙ୍କ ବାର୍ତ୍ତାଳାପର ଏକ ଭାଇରାଲ ଅଡିଓକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ଉକ୍ତ ଅଡିଓରେ ଋଣ ମଂଜୁର ଲାଗି ମ୍ୟାନେଜର ଟଙ୍କା ଦାବି କରୁଥିବା ରେକର୍ଡିଂ ରହିଛି । ତେବେ ମ୍ୟାନେଜର ତାଙ୍କ ଭ୍ୟାନିଟିରୁ ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା । ଏହି ସମୟରେ କିଛି କଲେ ଛାତ୍ର ଚାଲି ଆସିବାରୁ ମ୍ୟାନେଜର ଓ ତାଙ୍କ ସହଯୋଗୀ ସେଠାରୁ ଚାଲିଯାଇଥିଲେ ବୋଲି ସେ ଏତଲାରେ ଜଣାଇଛନ୍ତି । ମାମଲା ପ୍ରତ୍ୟାହାର ନକଲେ ତାଙ୍କୁ ହତ୍ୟା କରାଯିବ ବୋଲି ମ୍ୟାନେଜର ଧମକ ଦେଇଥିବା ସେ ଅଭିଯୋଗ ମଧ କରିଛନ୍ତି ।

# ୭୦ ବର୍ଷ ବୟସରେ ବାପା ହେବେ ରଷ ରଷ୍ଟ୍ରପତି ?





**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୭୦ବର୍ଷ ବୟସରେ ବାପା ହେବେ ରଷ ରଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ତାଙ୍କ ୩୮ବର୍ଷୀୟ ଗାର୍ଲଫ୍ରେଣ୍ଡ ଅଲିନା କାବେଭା ପୁଣି ଗର୍ଭବତୀ ହୋଇଛନ୍ତି । ଗଣମଧାମ ରିପୋର୍ଟ ମୁତାବକ ଏ ଖବର ଶୁଣି ପୁଟିନ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଚଳିତ ବର୍ଷ ଅକ୍ଟୋବର ମାସରେ ପୁଟିନ ୭୦ବର୍ଷବୟସରେ ପାଦ ଦେବାକୁ ଥିବା ବେଳେ ପୂର୍ବରୁ ତାଙ୍କ ର ଦୁଇ ଜଣ ସନ୍ତାନ ଅଛନ୍ତି।

ତାଙ୍କର ପୂର୍ବରୁ ୨ଟି ସନ୍ତାନ ଥିବାରୁ ସେ ଆଉ ସନ୍ତାନ ଚାହୁଁନାହାନ୍ତି ଏହାରି ମଧ୍ୟରେ ସେ ପୁଣି ବାପା ହେବା ଖବର ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ପୁଟିନଙ୍କ ଗର୍ଲଫ୍ରେଣ୍ଡ ତଥା ଅଲିମ୍ପିଆନ୍ ଅଲିନା ଗର୍ଭବତୀ ଥିବା ନେଇ ରଷୟ ଗଣମାଧମରେ ଖବର ପ୍ରସାରିତ ହୋଇଛି। ରେଡ୍ ସ୍କୋଏରେ ବିଜୟ ଦିବସ ଅବସରରେ ଭାଷଣ ଦେବା ସମୟରେ ସେ ଏହି ଖବର ଜାଣିବାକୁ ପାଇଥିଲେ। ପୁଟିନ୍ ନିଜ ପତ୍ନୀଙ୍କୁ ଛାଡପତ୍ର ଦେଇସାରିଥିବା ବେଳେ ତାଙ୍କ ଗାର୍ଲଫ୍ରେଣ୍ଡ ଗର୍ଭବତୀ ଅଛନ୍ତି। ଯାହା ପୁଟିନ୍‌ଙ୍କ ଯୋଜନା ମୁତାବକ ହୋଇନଥିବା ଗଣମାଧମ ରିପୋର୍ଟ ପ୍ରକାଶ।

ତେବେ ପୁଟିନ୍ ଏଯାବତ୍ ଅଲିନାଙ୍କ ସହ କୌଣସି ସଂପର୍କ ଥିବା ନେଇ ସ୍ୱୀକାର କରିନାହାଁନ୍ତି। ଅଲିନା ରଷର ଏକ ମିଡିଆ ଗ୍ରୁପର ମାଲିକ ଥିବା ବେଳେ ସେ ପୂର୍ବରୁ ସ୍ୱିଜରଲ୍ୟାଣ୍ଡ୍‌ରେ ରହୁଥିବା କୁହାଯାଉଥିଲା। ତେବେ ରଷର ଆଉ ଏକ ଗଣମାଧମ ରିପୋର୍ଟ ମୁତାବକ ଅଲିନାଙ୍କ ୨ ପୁଅ ଅଛନ୍ତି। ସ୍ୱିଜରଲ୍ୟାଣ୍ଡରେ ୨୦୧୫ରେ ଜଣେ ଜନ୍ମଗ୍ରହଣ କରିଥିବା ବେଳେ ୨୦୧୯ରେ ମସ୍କୋରେ ଆଉ ଜଣେ ଜନ୍ମଗ୍ରହଣ କରିଥିଲେ। ତେବେ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ଯୋଗୁ ବିଭିନ୍ନ ୟୁରୋପୀୟ ରାଷ୍ଟ୍ର ପକ୍ଷରୁ କଟକଣାର ସମ୍ମୁଖୀନ ହୋଇପାରନ୍ତି ଅଲିନା।

କ୍ରୀଡା ଜଗତକୁ ଅଲବିଦା କରିବା ପରେ ଅଲିନା ରାଜନୀତିରେ ଯୋଗଦେଇଥିଲେ ଏବଂ ପୁଟିନ୍‌ଙ୍କ ୟୁନାଇଟେଡ୍ ରଷିଆ ପାର୍ଟି ପକ୍ଷରୁ ସେ ସାଂସଦ ମଧ ହୋଇଥିଲେ ଏବଂ ଏକ ମାଗାଜିନ୍ ପାଇଁ ଏକ ସେମି ନ୍ୟୁଡ୍ ଫଟୋ ସୁଟ୍ ମଧ କରିଥିଲେ। ସେ ଜଣେ ଗାୟିକା ହେବା ପାଇଁ ବହୁତ ଚେଷ୍ଟା କରିଥିଲେ କିନ୍ତୁ ସେ ସଫଳ ହୋଇପାରିନଥିଲେ। ୨୦୦୭ରୁ ୨୦୧୪ ଯାଏଁ ଅଲିନା କାବେଭା ରଷ ପାର୍ଲିଆମେଣ୍ଟର ତଳ ଗୃହରେ ଡେପୁଟୀ ଷ୍ଟେଟ୍ ଡୁମା ଭାବେ କାର୍ଯ୍ୟ ତୁଲାଇଥିଲେ। ଏହା ସହିତ ସେପ୍ଟେମ୍ବର ୨୦୧୪ ଜାତୀୟ ମିଡିଆ ଗ୍ରୁପ୍ ଅଧକ୍ଷା ଭାବେ ନିଯୁକ୍ତ ହୋଇଥିଲେ।

# ମହେଶ ବାବୁଙ୍କୁ କଡା ଜବାବ ଦେଲେ ସୁନୀଲ ସେଟ୍ଟୀ କହିଲେ ବାପା ସବୁବେଳେ ବାପା





**ମୁମ୍ବାଇ(ସଂପର୍କବାର୍ତ୍ତା):-** ବଲିଉଡ ଓ ଦକ୍ଷିଣ ଭାରତୀୟ ଫିଲ୍ମକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଏଣ୍ଟ୍ରୀ କରିଛନ୍ତି ସୁନୀଲ ଶେଟ୍ଟୀ। ବଲିଉଡର ଆନ୍ନା ଭାବେ ପରିଚିତ ସୁନୀଲ ଶେଟ୍ଟୀ ସାଉଥ ସୁପରଷ୍ଟାର ମହେଶ ବାବୁଙ୍କୁ ମୁହଁ ତୋଡ ଜବାବ ଦେଇଛନ୍ତି। କିଛି ଦିନ ପୂର୍ବରୁ ମହେଶ ବାବୁ ଏହି ବିବାଦରେ ବଲିଉଡକୁ ଟାର୍ଗେଟ କରିଥିଲେ। ବଲିଉଡରେ ସେ ସମୟ ନଷ୍ଟ କରିବାକୁ ଚାହୁଁନାହାଁନ୍ତି ଓ ବଲିଉଡ ତାଙ୍କୁ ଫିଲ୍ମ ପାଇଁ ଉପଯୁକ୍ତ ପ୍ରାପ୍ୟ ଦେଇ ପାରିବ ନାହିଁ ବୋଲି ମହେଶ ବାବୁ କହିବା ପରେ ବିବାଦ ସୃଷ୍ଟି ହୋଇଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ମହେଶ ବାବୁ ଏପରି ବୟାନ ପାଇଁ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି "ବାପା ସବୁବେଳେ ବାପା ହୋଇ ରହିବ। ବଲିଉଡ ସବୁବେଳେ ବଲିଉଡ ହିଁ ରହିବ। ଯଦି ଆପଣ ଭାରତକୁ ଚିହ୍ନିଛନ୍ତି, ତା' ହେଲେ ବଲିଉଡ ହିରୋଙ୍କୁ ମଧ ଆପେ ଆପେ ଚିହ୍ନି ପାରିବେ।"

ଗୋଟିଏ ଗଣମାଧମକୁ ସାକ୍ଷାତକାର ଦେଇ ସୁନୀଲ ଶେଟ୍ଟୀ କହିଛନ୍ତି ଯେ ସେ ସାଉଥରୁ ଆସିଥିଲେ ମଧ ତାଙ୍କ କର୍ମଭୂମି ମୁମ୍ବାଇ। ତେଣୁ ତାଙ୍କୁ ମୁମ୍ବାଇକର ସମସ୍ତେ କହନ୍ତି। ତାଙ୍କୁ ଲାଗୁଛି ଯେ ସାଉଥ ବନାମ ବଲିଉଡର ବିବାଦ ସୋଶାଲ ମିଡିଆରୁ ହିଁ ଆରମ୍ଭ ହୋଇଛି। ସମସ୍ତେ ଭାରତୀୟ। ଉଦାହରଣ ସ୍ୱରୂପ, ଯଦି ଆପଣ ଡିଜିଟାଲ ପ୍ଲାଟଫର୍ମ ଦେଖିବେ, ତା ହେଲେ ସେଠାରେ ଭାଷା ଗୁରୁତ୍ୱପୂର୍ଣ୍ଣ ନୁହେଁ। ବରଂ କଣ୍ଟେଣ୍ଟ ଅଧିକ ଗୁରୁତ୍ୱ ଓ କ'ଣ ନ ଦେଖିବେ, ତା'ର ନିଷ୍ପତ୍ତି ନିଅନ୍ତି ବୋଲି ସୁନୀଲ କହିଛନ୍ତି।

ସେ କହିଛନ୍ତି, "ସବୁଠାରୁ ଚିନ୍ତାର ବିଷୟ ହେଲା, ଆମେ ଦର୍ଶକଙ୍କୁ ଭୁଲି ଯାଉଛେ। ଆମକୁ କଣ୍ଟେଣ୍ଟ ଉପରେ କାମ କରିବାକୁ ପଡିବ। ସିନେମାରେ ସୁବୁବେଳେ ଲୋକ କୁହନ୍ତି ଯେ ସିନେମା ହେଉ କି ଓଟିଟି, ବାପା ସବୁବେଳେ ବାପା ଓ ପରିବାର ଲୋକ ସୁବବେଳେ ପରିବାର ଲୋକ ଏବଂ ବଲିଉଡ ସବୁବେଳେ ବଲିଉଡ ହୋଇ ରହିବ।"

RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ



# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ମଇ ୧୬ ରୁ ୨୨, ୨୦୨୨, ଜଗତସିଂହପୁର

May 16 to 22, 2022, Jagatsinghpur

www.samparkabarta.in



# କଟକ ରାସ୍ତା ଓ ଗୃହ ବିଭାଗ ଡିଭିଜନ-୨ରେ ମହାଦୁର୍ନୀତି !

**କଟକ(ତପନ ମହାନ୍ତି):-** କଟକ ସହରକୁ ସୌନ୍ଦର୍ଯ୍ୟକରଣ ନିମନ୍ତେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବ୍ୟାପକ ଅର୍ଥ ବ୍ୟୟ ବରାଦ ହେଉଛି । ମାତ୍ର ଏହି କାର୍ଯ୍ୟ ନିର୍ମାଣ ସମୟରେ ରାଜ୍ୟ ସରକାରଙ୍କ ୫ଟି ଓ ସ୍ୱଚ୍ଛତାକୁ କଟକ ପୂର୍ତ୍ତବିଭାଗ ଡିଭିଜନ-୨ର ବରିଷ୍ଠ ଅଧିକାରୀ ବେଖାତିର କରି ବିନା ସୂଚନା ଫଳକରେ ଲକ୍ଷାଧିକା ଟଙ୍କା ଲୁଟି ଚାଲିଥିବା ଗୁରତର ଅଭିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ସଚିବଙ୍କୁ ଅନ୍ଧାରରେ ରଖି ଏହି ଇଂଜିନିୟରମାନେ ଚଳାଇଛନ୍ତି ଦୁର୍ନୀତି । ବିଶେଷକରି ଖପୁରିଆ ୩ନଂ ସେକ୍ସନର କନିଷ୍ଠ ଯନ୍ତ୍ରୀ ଏବଂ ତାଙ୍କ ପୂର୍ବରୁ ଥିବା ଇଂଜିନିୟର ବର୍ତ୍ତମାନ ପୁରୀ ପୂର୍ତ୍ତ ବିଭାଗ ଡିଭିଜନରେ ଏଷ୍ଟିମେଟର ଦାୟିତ୍ୱରେ ଅଛନ୍ତି । ଠିକାଦାରଙ୍କୁ ହାତକରି ବରିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ଲୁଟି ନେଉଛନ୍ତି ଲକ୍ଷାଧିକ ଟଙ୍କା । ଏମାନଙ୍କୁ ଧରିଛନ୍ତି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ । ଭୟଭୀତ ହୋଇ ପଡିଛନ୍ତି ପୂର୍ତ୍ତବିଭାଗ ଡିଭିଜନ -୨ର ଇଂଜିନିୟର ମାନେ । ଜିତେନ୍ଦ୍ର ସାହୁ କଟକ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ବିଭାଜନ-୨ କାର୍ଯ୍ୟାଳୟ ଜନସୂଚନା ଅଧିକାରୀଙ୍କୁ ଗତ ତା ୨୯.୦୧.୨୦୨୨ରେ କଟକ ଓଏମ୍‌ପି ଛକରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ବ୍ୟାରିକେଡ, ଡିଭାଇଡର ନାଳ କାର୍ଯ୍ୟ ଏବଂ ୭.୦୨.୨୦୨୨ ମସିହାରେ କଟକ ଚାଉଳିଆଗଂଜରେ ନିର୍ମିର ସହରାଞ୍ଚଳ ପ୍ରାତବିକ ସାସ୍ଥ୍ୟକେନ୍ଦ୍ର ସମ୍ପର୍କିତ ତଥ୍ୟ ସୂଚନା ଅଧକାର ଆଇନରେ ଆବେଦନ କରିଥିଲେ । ମାତ୍ର ଏହି ତଥ୍ୟ ସୂଚନା ଅଧକାର ଆଇନ ଅନୁଯାୟୀ ୩୦ ଦିନ ମଧରେ ପ୍ରଦାନ କରିବାର ନିୟମ ରହିଥିଲେ ସୁଦ୍ଧା ବିଭାଗୀୟ ଜନସୂଚନା ଅଧିକାରୀ ଲୁଚୁଥିବା ସୂଚନା ଅଧିକାରୀଙ୍କ ଠାରୁ ଅଭିଯୋଗ ହୋଇଛି । ଏହି ସୂଚନାର ତଥ୍ୟ ଧାର୍ଯ୍ୟ ସମୟରେ ପ୍ରଦାନ କରାଗଲେ ହୋଇଥିବା ଅନିୟମିତତା ଓ ଦିର୍ନୀତି

**ଜନ ସୂଚନା ଅଧିକାରରେ ମିଳୁନି ତଥ୍ୟ, ଲୁଚାଉଛନ୍ତି ବରିଷ୍ଠ ଅଧିକାରୀ ।**

ଲୋକଲୋଚନକୁ ଆସିଯିବ ବୋଲି ଜନସୂଚନା ଅଧିକାରୀ ଜାଣିଶୁଣି ଦେଉନଥିବା ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର । ସୂଚନାର ତଥ୍ୟ ନପାଇ ଅପିଲ ଶୁଣାଣୀ କରି ସୂଚନାର ତଥ୍ୟ ନିଃଶୁଳ୍କ ପ୍ରଦାନ କରିବା ସହ ସୂଚନାରେ ତଥ୍ୟ ପ୍ରଦାନରେ ଅବହେଳା କରିଥିବା ଜନସୂଚନା ଅଧିକାରୀଙ୍କ ରଚଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିବା ସହ ସୂଚନା ଅଧିକାରୀ ଆଇନ ଧାରା - ୧୮ ଅନୁଯାୟୀ ରାଜ୍ୟ ସୂଚନା କିମଶନଙ୍କୁ ଅଭିଯୋଗ କରିବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ସୂଚନାର ତଥ୍ୟ ପ୍ରଦାନରେ ଅବହେଳା କରିଥିବା ଜନସୂଚନା ଅଧିକାରୀଙ୍କ ଆଇନ ଧାରା ୨୦(୧) ଅନୁଯାୟୀ ଦଣ୍ଡ ବିଧାନ, ଧାରା ୨୦ (୨) ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଧାରା ୧୯ (୩) (ଖ) ଅନୁଯାୟୀ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁଙ୍କ କ୍ଷତିପୂରଣ ପ୍ରଦାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଏବଂ ୫ଟି ନାମରେ ଡିଣ୍ଡିମ ପିଟୁଥିବା ବେଳ ନିର୍ଦ୍ଦିଷ୍ଟ କେତେକ ଲାଞ୍ଚୁଆ ଇଂଜିନିୟର ମାନଙ୍କ ପାଇଁ ଆଜି ସରକାର ବଦନାମ ହେବାକୁ ପଡୁଛି ବୋଲି ସର୍ବସାଧାରଣରେ ଆଲୋଚନା ହେଉଛି । ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିମ ଏମାନଙ୍କ କ୍ଷେତ୍ରରେ ନୀରବ କାହିଁକି ? ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମାନଙ୍କ ପାଇଁ ଲାଗୁ ନୁହେଁ କି ? ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ପ୍ରତି ପୂର୍ତ୍ତ ବିଭାଗରେ ସମ୍ମାନ ନାହିଁ କି ? ଏହା ପାଳନ କରାଯାଉଛନି କାହିଁକି ବୋଲି ସାଧାରଣରେ ଚର୍ଚ୍ଚା । ଏହି ୩ଜଣ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି କରି ସେହି କାମ ଗୁଡିକର ଭିଜିଲାନ୍ସ ତଦନ୍ତ କରିଲେ ସରକାରଙ୍କ ଲୋକପ୍ରିୟତା ବୃଦ୍ଧି ପାଇବା ସହ ମୁଖ୍ୟମନ୍ତ୍ରୀ କହିଥିବା ଦୁର୍ନୀତି ବିରୁଦ୍ଧରେ ଲଢେଇ ଜାରୀ ରହିବା ଘଟଣାକୁ ସବୁ ସ୍ତରରେ ସ୍ୱାଗତ ନିଷ୍ପତ୍ତି । ଏହା ସାଧାରଣ କଥା ନୁହେଁ, ଏହା କୋଟି କୋଟି ଟଙ୍କାର ପ୍ରଶ୍ନ । ଜନସୂଚନା ଅଧିକାରରେ ତଥ୍ୟ ପ୍ରଦାନରେ ଅବହେଳା କରୁଥିବା ଅଧିକାରୀଙ୍କ ରଚଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଂଚଳବାସୀ ପକ୍ଷରୁ ଦାବି ହେଉଛି ।

## ମେ ୨୧ ତାରିଖରୁ ମାଟ୍ରିକ ମୂଲ୍ୟାୟନ ଆରମ୍ଭ

**କଟକ(ସଂପର୍କବାର୍ତ୍ତା):-** ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ଖାତା ମୂଲ୍ୟାୟନ । ରାଜ୍ୟର ମୋଟ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖାହେବ । ପରୀକ୍ଷକମାନେ ୨୦ ତାରିଖ ସକାଳ ୧୦ଟା ସୁଦ୍ଧା କେନ୍ଦ୍ରରେ ଯୋଗ ଦେବେ ଏବଂ ୨୧ ରୁ ମୂଲ୍ୟାୟନ ଆରମ୍ଭ ହେବ । ମୂଲ୍ୟାୟନ ପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷକ ନିୟୋଜିତ ହେବେ । ସେହିପରି ୯୦୦ଜଣ ଡେପୁଟି ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଏବଂ ୯୩୦ ସ୍କ୍ରୁଟିନାଇଜରଙ୍କୁ ନିଯୁକ୍ତି କରାଯିବ । ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଖାତା ଦେଖା ଜାରି ରହିବ । ଏ ନେଇ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

## ୬୩୮ ଆଧପକଙ୍କୁ ମିଳିବ ନିଯୁକ୍ତିପତ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ ଚୟନ ବୋର୍ଡ ଦ୍ୱାରା ନୂଆ ଭାବେ ନିଯୁକ୍ତି କରାଯାଇଥିବା ୬୩୮ କଲେଜ ଅଧାପକଙ୍କୁ ଆସନ୍ତା ୧୭ରେ ମିଳିବ ନିଯୁକ୍ତିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ତାରିଖରେ ଲୋକସେବା ଭବନରେ ଏହି ସମସ୍ତ ନୂଆ ଅଧାପକଙ୍କୁ ନିଯୁକ୍ତିପତ୍ର ବାଣ୍ଟିବେ । ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଏହି ସମସ୍ତ ଅଧାପକଙ୍କୁ ନିଯୁକ୍ତି ଦିଆଯାଇଛି ।

## ଡିସିପିଙ୍କ ସମୀକ୍ଷା:ଲୁଟେରା ଗ୍ୟାଙ୍ଗ, ଦାଗିଙ୍କୁ ଟାର୍ଗେଟ୍

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କିଛିଦିନ ହେବ ରାଜଧାନୀରେ ଅପରାଧୀଙ୍କ କାର୍ଯ୍ୟକଳାପ ବଢିଚାଲିଛି । ଲୁଟ୍‌ପାଟ ଠାରୁ ଆରମ୍ଭ କରି ହତ୍ୟା, ଗୁଳିକାଣ୍ଡ, ଛିନ୍‌ତାଇ, ଚୋରି, ଡକାୟତି ମାମଲାରେ ରାଜଧାନୀ ପରିସ୍ଥିତି ଅଣାୟତ୍ତ ହୋଇପଡିଛି । ତେଣୁ ପରିସ୍ଥିତିରେ କିଭଳି ସୁଧାର ଅଣାଯିବ । ଅପରାଧୀ କିପରି ସାବାଡ ହେବେ ସେ ନେଇ ଆଜି ଡିସିପି ପ୍ରତୀକ ସିଂ ଏକ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ଡିସିପି ଶ୍ରୀ ସିଂ ପ୍ରତ୍ୟେକ ଥାନାର ସମୀକ୍ଷା କରିଥିଲେ । କେତେକ ଥାନାରେ ସ୍ଥିତି ସଂଗୀନ ରହିଛି । କେତେକ ହତ୍ୟା,



ଗୁଳିକାଣ୍ଡ, ଡକାୟତି ଭଳି ବଡ ବଡ ଘଟଣାରେ ଏବେ ବି ଅପରାଧୀଙ୍କ ପାଖରେ ପୋଲିସ୍ ପହଞ୍ଚି ପାରିନାହିଁ । ତେଣୁ କିଭଳି ଫେରାର୍ ଅପରାଧୀ ଧରାହେବେ ଏହାର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ସେମାନଙ୍କୁ ବାନ୍ଧିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ରାଜଧାନୀରେ ସକ୍ରିୟ ହୋଇଉଠିଥିବା କେତେକ ଲୁଟେରା ଗ୍ୟାଙ୍ଗ ଏବଂ ଦାଗି ଅପରାଧୀଙ୍କ ତାଲିକା କରାଯାଇଛି । ଗଳିକନ୍ଦିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇ ଅପରାଧୀଙ୍କ ଉପରେ ନଜର ରଖାଯିବ । ଏହାଛଡା କିଛିଦିନ ଯାଏ ରାତିରେ ସବୁଠି ବ୍ଲକିଂ, ଚେକିଂକୁ ଜୋର୍‌ଦାର କରିବାକୁ କୁହାଯାଇଛି । ବୈଠକରେ ସମସ୍ତ ଜୋନ୍ ଏସିପି, ଥାନା ଆଇଆଇସି ଉପସ୍ଥିତ ଥିଲେ ।

# ପୂର୍ବତନ ଜିଲ୍ଲାପାଳଙ୍କ ବିରୁଦ୍ଧରେ ମହିଳାଙ୍କ ସାଙ୍ଘାତିକ ଅଭିଯୋଗ

**ସମ୍ବଲପୁର(ସଂପର୍କବାର୍ତ୍ତା):-** ନିକଟରେ ସମ୍ବଲପୁର ବଦଳି ହୋଇଯାଇଥିବା ଜିଲ୍ଲାପାଳଙ୍କ ବିରୁଦ୍ଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ଅଧିକାରୀ । ଏହି ମହିଳା ଅଧିକାରୀ ଜନକ ସିଧାସଳକ ପ୍ରଧାନମନ୍ତ୍ରୀ ଦପ୍ତର(ପିଏମ୍‌ଓ) ସହିତ କେତେକ ମନ୍ତ୍ରୀଙ୍କୁ ଟ୍ୱିଟ୍ କରି ନ୍ୟାୟ ମାଗିଛନ୍ତି । ମହିଳା ଅଧିକାରୀ ଜଣକ ଏଥିରେ ଇଂରାଜୀ ଭାଷାରେ ଲେଖିଛନ୍ତି, କାର୍ଯ୍ୟକ୍ଷେତ୍ରରେ ନିର୍ଯ୍ୟାତନା ବନ୍ଦ କରନ୍ତୁ । ପ୍ରତ୍ୟେକ କର୍ମଜୀବୀଙ୍କୁ ସମ୍ମାନ ଦିଆଯିବା ଉଚିତ । ଏହି ବ୍ୟକ୍ତିଙ୍କର ଅହଙ୍କାର ସବୁଠାରୁ ଶୀର୍ଷରେ ରହିଛି । ସମ୍ବଲପୁର ଏହି ଅପାରଗ ଡିଏମ୍‌ଙ୍କ ବଦଳି ପରେ ଲୋକେ ଦୀପାବଳୀ ମନାଇ ତାଙ୍କୁ ଉଚିତ ବ୍ୟବହାର ଦେଇଛନ୍ତି ବୋଲି ମହିଳା ଅଧିକାରୀ ଜଣକ ପିଏମ୍‌ଓ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଧାନମନ୍ତ୍ରୀ ଦପ୍ତରର ପ୍ରଭାରୀ ତଥା ପର୍ସନାଲ ଓ ପବ୍ଲିକ୍ ଗ୍ରିଭାନ୍‌ସ୍ ଦାୟିତ୍ୱରେ ଥିବା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏବଂ ବିଜେପି ପ୍ରବକ୍ତା ସମ୍ବିତ ପାତ୍ର(ସମ୍ବିତ ସରାଜ)ଙ୍କୁ ଟ୍ୱିଟ୍ କରିଛନ୍ତି । ତାଙ୍କର ଦ୍ୱିତୀୟ ଟ୍ୱିଟ୍‌ରେ ଏହି ମହିଳା ଅଧିକାରୀ ଜଣକ ଲେଖିଛନ୍ତି, ସାଧାରଣ ଜନତା ଯାହାକୁ ନ୍ୟାୟ ମାଗିବେ, ଲୋକଙ୍କ ଅଭିଭାବକ ଭାବେ ଆପଣ ଯେଉଁ ଅଧିକାରୀଙ୍କୁ



ନିଯୁକ୍ତି ଦେଇଛନ୍ତି, ସେ ଯଦି ଦୁର୍ନୀତି, ଅନୈତିକ କାର୍ଯ୍ୟ(ଅନ୍‌ଏଥିକାଲ୍)ରେ ସଂପୃକ୍ତ ରହିବେ, ସେ ଅନ୍ୟକୁ ଅନ୍ୟାୟପୂର୍ଣ୍ଣ ଭାବେ ପ୍ରଭାବିତ କରି ସହଜରେ ସବୁ ସ୍ଥିତିକୁ ନିଜ ସପକ୍ଷରେ ଆଣିପାରିବେ । ଦୟାକରି ଏଭଳି ଅଫିସରଙ୍କୁ କ୍ୟାଡରରୁ ବାହାର କରି ଏକ ଦୃଢ ବାର୍ତ୍ତା ଦିଅନ୍ତୁ ବୋଲି ସେ ନିବେଦନ କରିଛନ୍ତି । ପିଏମ୍‌ଓ, ଧର୍ମେନ୍ଦ୍ର ପ୍ରଧଅନ ଓ ଡ. ଜିତେନ୍ଦ୍ର ସିଂହଙ୍କୁ ଗତକାଲି କରିଥିବା ତାଙ୍କର ଦ୍ୱିତୀୟ ଟ୍ୱିଟ୍‌ରେ ସେ ଏଭଳି ନିବେଦନ କରିଛନ୍ତି । ଉଚ୍ଚଶିକ୍ଷା ପାଇଁ ବିଦେଶରେ ଥିବା ଏହି ମହିଳା ଅଧିକାରୀ ଜଣକ ସମ୍ଭବତଃ ରାଜ୍ୟ ସରକାରଙ୍କଠାରୁ ନ୍ୟାୟ ନମିଳିବା ପରେ କେନ୍ଦ୍ର ସରକାରଙ୍କ ଏବେ ଦ୍ୱାରସ୍ଥ ହୋଇଛନ୍ତି । ସେ ତାଙ୍କର ଏହି ଟ୍ୱିଟ୍‌ରେ ପୂର୍ବତନ ଜିଲ୍ଲାପାଳଙ୍କ ବଦଳି ପରେ ପ୍ରକାଶିତ ଏକ ଖବରକାଗଜ କ୍ଲିପ୍ ମଧ ସଂଯୁକ୍ତ କରିଛନ୍ତି । ମହିଳା ଅଧିକାରୀ ଜଣକ ସଂପୃକ୍ତ ଅଧିକାରୀଙ୍କ ସମୟରେ କାର୍ଯ୍ୟାଳୟରେ ନିର୍ଯ୍ୟାତନା ଦିଆଯାଉଥିବା ନେଇ ଖୋଲାଖୋଲି ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଧିକାରୀ ବଦଳି ଆଦେଶରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେଇ ତୁରନ୍ତ ନୂଆ ବଦଳି ହୋଇଥିବା ଜାଗାରେ ଯୋଗ ଦେବାକୁ ଉଲ୍ଲେଖ ରହିଥିଲା । ସାଧାରଣତଃ ନୂଆ ଜିଲ୍ଲାପାଳ ଆସିବା ପରେ ଅନ୍ୟ ଜଣେ ଜିଲ୍ଲାପାଳ ବଦଳି ହୋଇଯାଇଥାନ୍ତି । କିନ୍ତୁ ଏଭଳି ତରବରିଆ ବଦଳିକୁ କିଛି ରହସ୍ୟ ରହିଥିବା ସେତେବେଳେ ଆଲୋଚନା ଚାଲିଥିଲା ।

# ଥାନା ଦାୟିତ୍ୱରେ ଥିବା ଏସିପିଙ୍କୁ ହଟାଯିବ । ଦୈତନଗରୀରୁ ୬ ଡିଏସ୍‌ପିଙ୍କୁ ଅବ୍ୟାହତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସାରା ଓଡ଼ିଶା ସମେତ କମିଶନରେଟ୍ ପୋଲିସ୍‌ରେ ଡିଏସ୍‌ପି/ଏସିପି ପାହ୍ୟାକୁ ପଦୋନ୍ନତି ପାଇଥିବା ପୋଲିସ୍ କର୍ମଚାରୀଙ୍କୁ ଥାନା ଦାୟିତ୍ୱରୁ ଅବ୍ୟାହତି ଦିଆଯିବ । ସେମାନଙ୍କୁ ଥାନାର ଇନ୍‌ଚାର୍ଜ ପଦବିରୁ ହଟାଇ ପାହ୍ୟା ଅନୁଯାୟୀ ନିର୍ଦ୍ଧାରିତ ସ୍ଥାନକୁ ବଦଳି କରାଯିବ । ଡିଏସ୍‌ପି ପାହ୍ୟାର କର୍ମଚାରୀଙ୍କୁ ପଦୋନ୍ନତି ମିଳିସାରିଥିବାରୁ ସେମାନଙ୍କୁ ଥାନାରୁ ମୁକ୍ତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

ଜଣେ ପୋଲିସ୍ କର୍ମଚାରୀଙ୍କ କହିବା ଅନୁଯାୟୀ, ଯଥୋଚିତ ସମୟରେ ପଦୋନ୍ନତି ମିଳୁଥିଲେ ହେଁ ଅନେକ କାରଣ ଯୋଗୁଁ ଥାନାରୁ ସେମାନଙ୍କୁ ରିଲିଭ୍ କରାଯାଉନି । ବିଶେଷ କରି ଡିଏସ୍‌ପି ପାହ୍ୟାର





କର୍ମଚାରୀଙ୍କ କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି । ତେଣୁ ଏ ନେଇ ଏକ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯାଇଛି । ଆସନ୍ତା ୧୫ ତାରିଖ ଏହି ବୋର୍ଡର ବୈଠକ ଅନୁଷ୍ଠିତ ହେବ । ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇବା ସତ୍ତ୍ୱେ ଥାନା ଦାୟିତ୍ୱରେ ଥିବା ସବୁ କର୍ମଚାରୀ ଏହି ବୈଠକରେ ଯୋଗ ଦେଇ ସେମାନଙ୍କ ସମସ୍ୟା ବାବଦରେ ଟିପ୍ପଣୀ ଦେବେ । ଏହାପରେ ଅଦଳବଦଳକୁ ନେଇ ବିଚାରବିମର୍ଶ ହେବ ବୋଲି ସେ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ଏହି କ୍ରମରେ ଦୈତନଗରୀରୁ ପ୍ରାୟ ୬ ଥାନାରେ ଏଭଳି ଅବ୍ୟବସ୍ଥା ରହିଥିବା ବେଳେ ଭୁବନେଶ୍ୱରର କ୍ୟାପିଟାଲ ଥାନାରେ ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ସହିଦନଗରରେ ହିମାଂଶୁ ଶେଖର ସ୍ୱାଇଁ, ଖାରବେଳନଗରରେ ଅରୁଣ ସ୍ୱାଇଁ, ଚନ୍ଦ୍ରଶେଖରପୁରରେ ପ୍ରଦୀପ କୁମାର ମହାପାତ୍ର, ନନ୍ଦନକାନନରେ ବିଶ୍ୱରଂଜନ ସେନାପତି ଓ କଟକ ମଙ୍ଗଳାବାଗ ଥାନାରେ ଅମିତାଭ ମହାପାତ୍ର ଡିଏସ୍‌ପି ଓ ଏସିପି ପାହ୍ୟାକୁ ପଦୋନ୍ନତି ହୋଇ ଯିବା ପରେ ମଧ ଥାନାରେ ଇନ୍‌ସପେକ୍ଟର ଦାୟିତ୍ୱ ତୁଲାଇବେ ।

# ରାୟଗଡା ଅବକାରୀ ଅଧିକ୍ଷକ ନିନା ବେଉରା ଗିରଫ

**ରାୟଗଡା(ସଂପର୍କବାର୍ତ୍ତା):-** ରାୟଗଡା ଅବକାରୀ ଅଧିକ୍ଷକ ନିନା ବେଉରାଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ୍ । ଗାଡିରେ ୬ ଲକ୍ଷ ଟଙ୍କା ନେଇ ଆସୁଥିବା ବେଳେ ଭିଜିଲାନ୍ସ ନିନାଙ୍କୁ ଗିରଫ କରିଥିବା ନେଇ ସୂଚନା ମିଳିଛି । ସୂଚନା ଅନୁଯାୟୀ ଏ ନେଇ ଭିଜିଲାନ୍ସ ବିଶେଷ ସୂତ୍ରରୁ ଖବର ପାଇବା ପରେ ଖୋର୍ଦ୍ଧା ନିକଟରେ ନିନାଙ୍କ ଗାଡିକୁ ପିଛା କରିଥିଲା । ପରେ ଭିଜିଲାନ୍ସ ନିନାଙ୍କ ଗାଡିକୁ ଅଟକାଇବା ସହ ଏତେ ପରିମାଣର ଟଙ୍କାକୁ ନେଇ ପ୍ରଶ୍ନ କରିଥିଲା । ହେଲେ ଟଙ୍କାକୁ ନେଇ ନିନା କୌଣସି ପ୍ରକାରର ସନ୍ତୋଷଜନକ ଉତ୍ତର ଦେଇପାରିନଥିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି ।

ସେପଟେ ଏ ନେଇ ନିନାଙ୍କ ବାସ ଭବନରେ ଚଢାଉ କରାଯିବାକୁ ପ୍ରୟାସ କରିଥିଲା ଭିଜିଲାନ୍ସ । ହେଲେ ତାଙ୍କ ଘରେ ଚଢାଉ ହୋଇପାରିନାହିଁ । ନିନାଙ୍କ ସ୍ୱାମୀ ମାହାଙ୍ଗା ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରୁଥିବା



ବେଳେ ସେ ଏ ସମ୍ପର୍କରେ ସୂଚନା ପାଇ ଘରେ ତାଲା ପକାଇ କେଉଁ ଆଡେ ପଳାଇଥିବା ଖବର ଆସିଛି । ଫଳରେ ତାଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଜଗତସିଂହପୁର ଉପମଣ୍ଡଳର ସହକାରୀ ଡାକ ଅଧିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଗତ ୯ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ଉପମଣ୍ଡଳ ତରଫରୁ ଜଗତସିଂହପୁର ପ୍ରଧାନ ଡାକଘର ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କଟକ ଦକ୍ଷିଣ ଡାକମଣ୍ଡଳର ଅଧୀନରେ ଥିବା ଜଗତସିଂହପୁର ଉପ-ମଣ୍ଡଳର ସହକାରୀ ଡାକଅଧିକ୍ଷକ ଶ୍ରୀଯୁକ୍ତ ଗୋପବନ୍ଧୁ ସାହୁଙ୍କର ପୋଷ୍ଟାଲ ଷ୍ଟୋର ଡିପୋର୍ଟ ଭୁବନେଶ୍ୱରକୁ ବଦଳି ହୋଇଯାଇଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ କଟକ ଦକ୍ଷିଣ ଡାକମଣ୍ଡଳ ଡାକ ଅଧିକ୍ଷକ ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ କର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀଯୁକ୍ତ ସାହୁଙ୍କୁ ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧନା କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି ଲାଗି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଏବଂ ତା ପରେ ପରେ ଅନ୍ୟ କର୍ମଚାରୀମାନେ ମଧ ତାଙ୍କୁ ଛୋଟ ଛୋଟ ଉପହାର ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଶ୍ରୀଯୁକ୍ତ ୨୪-୧୦-୨୦୧୮ ତାରିଖରେ ଜଗତସିଂହପୁର




ଉପମଣ୍ଡଳର ସହକାରୀ ଡାକ ଅଧିକ୍ଷକ ଭାବେ ଦାୟିତ୍ୱ ଭାର ଗ୍ରହଣ କରି ନିରବଚ୍ଛିନ୍ନ, ନିଷ୍ପାପର ଓ ଦକ୍ଷତାର ସହ ସାଢେ ୩ ବର୍ଷ କାର୍ଯ୍ୟଭାର ତୁଲାଇ ଗତ ୯-୦୫-୨୦୨୨ ସନ୍ଧ୍ୟାରେ ଭାରମୁକ୍ତ ହୋଇଥିଲେ । ଶ୍ରୀଯୁକ୍ତ ସାହୁ ଏକାଧାରାରେ ଜଣେ ସରଳ, ମେଳାପୀ, ମିଷ୍ଟଭାଷୀ, ସ୍ୱାଭିମାନୀ, ସହୃଦୟକାରୀ, ପରୋପକାରୀ ତଥା ଜଣେ ଦକ୍ଷ୍ୟ ଅଧିକ୍ଷକ ଭାବରେ ଜଗତସିଂହପୁର ଉପମଣ୍ଡଳର କର୍ମଚାରୀମାନଙ୍କ ଦ୍ୱାରା "ଗୋପ ସାର" କଟକ ଦକ୍ଷିଣ ଡାକମଣ୍ଡଳ ସହକାରୀ ଡାକ ଅଧିକ୍ଷକ(ମୁଖ୍ୟାଳୟ) ଶ୍ରୀଯୁକ୍ତ ଦିବ୍ୟସିଂ ତ୍ରିପାଠୀ ଓ ଜଗତସିଂହପୁର ପ୍ରଧାନ ଡାକଘରର ମୁଖ୍ୟ ଡାକପାଳ ଶ୍ରୀଯୁକ୍ତ ରଞ୍ଜନ କୁମାର ସାହୁଙ୍କ ସମେତ ଜଗତସିଂହପୁର ଉପମଣ୍ଡଳର ଅନ୍ୟ ସମସ୍ତ ଡାକ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

## ଶିଳ୍ପ ଅନୁନ୍ନତ ଜିଲ୍ଲା ଉପରେ ମନ୍ତ୍ରୀ ଦିବ୍ୟଶଙ୍କ ଫୋକସ୍

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶିଳ୍ପର ପ୍ରମୁଖ ଭୂମିକା ରହିଛି । ବୃହତ୍‌ଶିଳ୍ପ ପାଇଁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ଅନେକ ସମସ୍ୟା ଦେଖା ଦେଉଥିବାବେଳେ ଅଣୁ, କ୍ଷୁଦ୍ର ଓ ମଧମ ଶିଳ୍ପ ପ୍ରତିଷ୍ଠା ଅପେକ୍ଷାକୃତ ସହଜ ଓ ସରଳ । ଏହି ଶିଳ୍ପ ଅନେକ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ସହ ସେମାନଙ୍କୁ ନିଜ ଅଞ୍ଚଳରେ ଆତ୍ମନିର୍ଭର ହେବାର ବାଟ ଦେଖାଇବ । ତେଣୁ ଶିଳ୍ପ ଅନୁନ୍ନତ ଜିଲ୍ଲାଗୁଡିକରେ ଅଧିକରୁ ଅଧିକ ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ପ୍ରତିଷ୍ଠା କରି ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ଉପରେ ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ, ଗୃହ(ରାଷ୍ଟ୍ର) ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି ।

ବିଭାଗ ପକ୍ଷରୁ ଭର୍ଚୁଆଲ ଯୋଗେ ଅନୁଷ୍ଠିତ ୫-ଟି ବୈଠକରେ ଯୋଗଦେଇ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର କହିଲେ ଯେ ଏବେ ହୋଇଥିବା ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ସାଧାରଣ ଲୋକେ ପାଇପାରିବେ ତାହା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ପ୍ରଧାନ ଆଭିମୁଖ୍ୟ । ତେଣୁ ଲୋକଙ୍କ ଆସ୍ଥାଭାଜନ ହେବା ଭଳି ଯୋଜନା ପ୍ରଣୟନ ସହ





ବିଭିନ୍ନ ବିଭାଗ ସହିତ ଯୋଗସୂତ୍ରରେ ରହି ରାଜ୍ୟରେ ଅଧିକ ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ପ୍ରତିଷ୍ଠା ନୂଆ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତି ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି 'ମୋ ସରକାର'ରେ କିପରି ଲୋକଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ ସେଥିନେଇ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରାଙ୍କ ସମେତ ଅତିରିକ୍ତ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ମଇ ୧୬ ରୁ ୨୨, ୨୦୨୨, ଜଗତସିଂହପୁର
May 16 to 22, 2022, Jagatsinghpur



# ସମ୍ପାଦକୀୟ

## ରାଜ୍ୟସଭା ଲଡୁ

ସାଧାରଣରେ ଓ ଗଣମାଧ୍ୟମରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦେଶଦ୍ରୋହ ମାମଲାକୁ ନେଇ ସମଗ୍ର ଭାରତବର୍ଷରେ ପ୍ରଚାର, ଜୁଆର ଉଠିଥିବାବେଳେ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନକୁ ନେଇ ମଧ ଗଣମାଧ୍ୟମ, ସାଧାରଣରେ ଓ ବିଜେଡ଼ି ଭିତରେ ଏକ ପ୍ରକାର ଚର୍ଚ୍ଚାର ଜୁଆର ଜୋରଦାର ଉଠିଲାଣି। ବିଜେଡ଼ିର ତିନୋଟି ସିଟ ଖାଲି ପଡୁଥିବାବେଳେ ଏ ତିନୋଟି ବିଜେଡ଼ିର ବିଧାନ ସଭା ସଂଖ୍ୟାଗରିଷ୍ଠତାକୁ ଦେଖିଲେ ବାଜି ମାରିବା ସୁନିଶ୍ଚିତ। ତେବେ ଚର୍ଚ୍ଚା ଏହା ବି ଉଠୁଛି ଗତ ଥର ପରି ବିଜେପି ଗୋଟିଏ ସିଟ ହାତେଇବ ନାହିଁ ତ ? ସୂଚନାଥାଉକି ଜୁନ ୧୦ରେ ଦେଶରେ ୧୫ଟି ରାଜ୍ୟର ୫୭ଟି ରାଜ୍ୟସଭା ଆସନ ପାଇଁ ଭୋଟ ହେବ। ସେଥିଭିତରୁ ଓଡ଼ିଶାର ତିନୋଟି ସିଟ ରହିଛି। ଜୁଲାଇ ୧ରେ ଓଡ଼ିଶାର ରାଜ୍ୟସଭା ସଂସାଦ ଡକ୍ଟର ସସ୍ମିତ ପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓଙ୍କ ଦାୟିତ୍ୱ ସରୁଛି। ବିଜେଡ଼ି ତାର ପ୍ରଥମ ପସନ୍ଦ ଭୋଟରେ ତିନିଜଣଙ୍କୁ ରାଜ୍ୟସଭାକୁ ପଠାଇବ। ବିରୋଧୀ ଦଳ ଯଦି ତାଙ୍କର ପ୍ରାର୍ଥୀ ନ ଦିଅନ୍ତି ତେବେ ଜୁନ ୧୦ରେ ନିର୍ବାଚନ ଲୋଡ଼ା ପଡ଼ିବ ନାହିଁ। ତେବେ ବିଜେଡ଼ି ସୁପ୍ରିମୋ କାହା ମୁଣ୍ଡରେ ସୁନା କଳସ ଢ଼ାଳିବେ ଏହାକୁ ନେଇ ରାଜନୀତି, ଗଣମାଧ୍ୟମରେ ଗୁଡ଼ି ଅନେକ ଉଡୁଛି। କୁହାଯାଉଛି ବିଜେଡ଼ିର ପାଖାପାଖି ୩୦ଜଣ ଏହି ରାଜ୍ୟସଭା ମୁହାଁ ପାଇଁ ଚାତକ ପରି ବସିଛନ୍ତି। ତିନୋଟି ରାଜ୍ୟସଭା ସିଟ ପାଇଁ ଚର୍ଚ୍ଚା ଭିତରେ ଅନେକ ତ ରହିଛନ୍ତି। ୨୦୧୯ରୁ ସୁପ୍ରିମୋ ନବୀନ ବାବୁ ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚାଉପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇବା ପାଇଁ କଥା ଦେଇଛନ୍ତି। ସେହିପରି କଂଗ୍ରେସରୁ ଡିଆଁ ମାରିଥିବା ଯୁବନେତା ପ୍ରଦୀପ ମାଝୀ, ଭୁବନେଶ୍ୱର ସିଟରୁ ହାରିଥିବା ଅରୂପ ପଟ୍ଟନାୟକ, ନଳୀନିକାନ୍ତ ପ୍ରଧାନ, ଗଣମାଧ୍ୟମ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ,

**ବାଦଲ ଭୂୟାଁ**
ଦୂରଭାଷ : ୭୪୮୮୯୯୮୫୩୨

ପୂର୍ବତନ ବାଚସ୍ପତି ଶରତ କରଙ୍କ ପୁଅ ଶୋଭନ କର ଏବଂ ସେହିପରି ଅଣରାଜନୈତିକ ପୃଷ୍ଠଭୂମିରୁ ଗାନ୍ଧିବାଦୀ ନେତ୍ରୀ ତଥା ନବକୃଷ୍ଣ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଅନନ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ ଅସିତ ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ଉଠୁଛି।

ରାଜ୍ୟସଭାର ଉପରୋକ୍ତ ତିନିଜଣଙ୍କ କାର୍ଯ୍ୟକାଳ ସରିବା ପରେ କଟର ମେୟର ଭାବେ ଜିତିଥିବା ସୁବାଷ ସିଂହ ମଧ ଇସ୍ତଫା ଦେଇଥିବାରୁ ତାଙ୍କ ପଦବୀଟି ଖାଲି ପଡ଼ିଛି କିନ୍ତୁ ନିର୍ବାଚନ କମିଶନ ତାରିଖ ଘୋଷଣା କରିନାହାଁନ୍ତି। ରାଜ୍ୟସଭାରେ ବିଜେଡ଼ିର ରାଷ୍ଟ୍ରୀୟ ମୁଖପାତ୍ର ଭାବେ ସସ୍ମିତ ପାତ୍ର ପ୍ରଭାବୀ ଢ଼ଙ୍ଗରେ ଦଳର ଆଭିମୁଖ୍ୟକୁ ଜାତୀୟ ସ୍ତରରେ ସଠିକ ଭାବେ ଉପସ୍ଥାପନ କରି ନିଜ ଦକ୍ଷତା ଦେଖାଇଛନ୍ତି। ସେହିପରି ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଏବଂ ପଶ୍ଚିମ ଓଡ଼ିଶାରେ ବିଜେପିର ବିଶେଷ ଦବଦବା ରହିଛି। ତେବେ ପ୍ରସନ୍ନଙ୍କୁ ଏହି ଯାଗାରୁ ହଟାଇଲେ ତାଲିକା ଭିତରେ ଇଂ.ନଳୀନିକାନ୍ତ ପ୍ରଧାନ ଓ ଅସୀତ ତ୍ରିପାଠୀଙ୍କ ନାମ ଉଠୁଛି। ଦକ୍ଷିଣ ଓଡ଼ିଶାର ଭେଟେରାନ ନେତା ଭାସ୍କର ରାଓଙ୍କ ସ୍ଥାନରେ କଂଗ୍ରେସର ଡିଆଁ ନେତା ପ୍ରଦୀପ ମାଝୀଙ୍କ ନାମ ଚର୍ଚ୍ଚାରେ ରହୁଛି। ତେବେ ଦକ୍ଷିଣ କ୍ଷେତ୍ରରୁ ରମେଶ ଚନ୍ଦ୍ର ଚାଉପଟ୍ଟନାୟଙ୍କ ସହ ଜୟପୁରର ପ୍ରାକ୍ତନ ବିଧାୟକ ରବିନାରାୟଣ ନନ୍ଦ ବି ଆଶାୟୀ। ଯୁବ ଚେହେରା ଭାବେ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବେ ମାନସ ମଙ୍ଗରାଜଙ୍କ ନାମ ବିଶେଷ ଚର୍ଚ୍ଚାରେ ରହିଛି। ସରକାରଙ୍କ ଗଣମାଧ୍ୟମ ବ୍ୟାପରକୁ ବେଶ ସଠିକ ଭାବେ ଓ ସଠିକ କ୍ଷେତ୍ର ଓ ଢ଼ଙ୍ଗରେ ସେ ନିର୍ବାହ କରୁଛନ୍ତି।


ସବୁବେଳେ ଚମକାଇ ଦେଇ ରାଜନୀତିର ମୋଡ଼ ବଦଳାଇ ଦେଉଥିବା କ୍ଷେତ୍ରରେ ବିଜେଡ଼ି ସୁପ୍ରିମୋ ନବୀନ ବାବୁ ବେଶ ମାହିର। ତେବେ ନବୀନ ବାବୁ ମହିଳା କାର୍ଡ଼ ଯଦି ଖେଳନ୍ତି ତେବେ ସେ ଆଗରେ ମୋ ସ୍କୁଲର ଅଧକ୍ଷା ସୁସ୍ମିତା ବାଗଚୀଙ୍କ ନାଁ ଉଠୁଛି। କେନ୍ଦ୍ରୀୟ ବିଜେପିର ବର୍ତ୍ତମାନ ଓଡ଼ିଶା ପ୍ରତି ନରମ ଆଭିମୁଖ୍ୟ ରହିଛି କିନ୍ତୁ ରାଷ୍ଟ୍ରପତି ନିର୍ବାଚନ ପରେ ବିଜେପି ଓଡ଼ିଶା ଉପରେ ଫୋକସ କରିବାର ବଡ଼ ସମ୍ଭାବନା ରହିଛି। କୁହାଯାଉଛି ବିଜେପି ବିଜେଡ଼ି ବିରୁଦ୍ଧରେ ତାର ମୋର୍ଚ୍ଚା ଖୋଲି କଡ଼ା ଆଭିମୁଖ୍ୟ ଦେଖାଇପାରେ। କାରଣ କେନ୍ଦ୍ରର ନରେନ୍ଦ୍ର ମୋଦି ମଧ ରାଜନୀତି କ୍ଷେତ୍ରରେ ଚମକାଇ ଦେଉଥିବା ପରି ରାଜନୀତିର କାର୍ଡ଼ ଖେଳିଥାନ୍ତି। ଏହାଭିତରେ ସୁବାଷ ସିଂହ କଟକ ମେୟର ଭାବେ ଜିତିବା ପରେ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ରହିଛି। ସୁବାଷଙ୍କ ସ୍ଥାନରେ ନିର୍ବାଚନ କମିଶନ ଘୋଷଣା କରିବା ପରେ ଯିଏ ଯିବେ ସେ ଚାରିବର୍ଷ ପାଇଁ ରାଜ୍ୟସଭା ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ତେବେ ଗୋପରେ ବଢୁଛି କଳା କହ୍ନେଇ ପରି ରାଜ୍ୟସଭାକୁ କିଏ ଯିବେ ତାହା ଦଳର ସୁପ୍ରିମୋ ନବୀନ ବାବୁଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଏହା ମଧ ପ୍ରଶ୍ନ ଉଠୁଛି ଓ ରାଜନୀତିର ଗୁଡ଼ି ଉଡୁଛି ମଧ ଗତଥର ପରି ଅଶ୍ୱିନୀ ବୈଷ୍ଣବଙ୍କ ପରି ବିଜେପି ମାଙ୍କଡ ଠାରୁ ମୁଆଁ ଛଡ଼ାଇବା ପରି ଗୋଟିଏ ସିଟ ମାଗିନେଇ ଯିବନି ତ!! କାରଣ କେନ୍ଦ୍ରର ରାଜନୀତି କ୍ଷେତ୍ରରେ ଅତ୍ୟନ୍ତ ପାରଙ୍ଗମ ଓ ଶକ୍ତିଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହା ନବୀନ ବାବୁଙ୍କୁ ପ୍ରଭାବିତ କରି ଗୋଟିଏ ସିଟ ନେଇଯିବା କିଛି ବିରାଟ ବଡ଼ ଖବର ହେବନାହିଁ। ତେବେ ମୁଆଁ କାହାଙ୍କ ଭାଗ୍ୟରେ ଅଛି କୋଟି କୋଟି ଓଡ଼ିଆଙ୍କ ପରି ଏହି ଲେଖକ ମଧ ସେହି ସମୟକୁ ଅପେକ୍ଷା କରିଛି ? ମୁଆଁ ବିଜୟୀ ଜିଏ ବି ହୁଅନ୍ତୁ ତାଙ୍କୁ ଆମେ ଯଥେଷ୍ଟ ପୂର୍ବରୁ ଅଭିନନ୍ଦନ ଜଣାଉଛୁ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

## ବୈକୁଣ୍ଠ ସମାନ ଆହା ଅଟେ ସେହି ଘର

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର" – ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଂକ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ସତରେ ଘର ହିଁ ସ୍ୱର୍ଗ - ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ - ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର । ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ । ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ । ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ । ଘର ହିଁ ଦେବତାଙ୍କ ନିବାସ ଦେବାଳୟ । ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ । ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି । ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ । କଥାରେ ଅଛି - 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ । ଯୁଗପୁରୁଷୋତ୍ତମ କଳକୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ମାର୍ଗ ଦର୍ଶନରେ କହିଲେ 'ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ।'

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି । ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାର୍ତ୍ତିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ । ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ'ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ?



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନ ଥିଲା ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢ଼େଉ ସେଠି ଆଜି ନିସ୍ତବ୍ଧ ନିର୍ଜନତା । ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠସାଠ ଆଉ ଚାକିରି ସବୁକିଛି ବାହାରେ ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ । ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁକୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପ୍ଟପ୍ ଆଉ ମୋବାଇଲର ମାୟା ଭିତରେ । କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷମାନେ । ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି । ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବିତ ଅନୁଭବ କରୁଥିଲେ । ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠି ନାହିଁ । ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ । ତଥାପି କିଛି ଏକାର୍ଣ୍ଣବତୀ ଛୋଟ ଛୋଟ ପରିବାର ରହିଛି । ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି । ଘର ହିଁ ସ୍ୱର୍ଗ । ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ । ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ । ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ । ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ । ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ । ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି । ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା । ପରିଶେଷରେ ବିଶ୍ୱ ପରିବାର ଦିବସ ଅବସରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପ୍ରାର୍ଥନା କରୁଛୁ ସମଗ୍ର ବିଶ୍ୱରେ ପ୍ରତିଟି ପରିବାରରେ ଆନନ୍ଦ ଉଲ୍ଲାସ ଭରି ଉଠୁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟବାଣୀ ଆମ ସମସ୍ତଙ୍କୁ ଆଶୀର୍ବାଦର ପୁଷ୍ପ ବର୍ଷଣ କରୁ- 'ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।'

## ମହଙ୍ଗା ମାଡ଼, ଜନଜୀବନ ବେହାଲ

ବାତ୍ୟା, ମହାବାତ୍ୟାକୁ ନେଇ ଓଡ଼ିଶା ଉଠୁଥିବା ପଡୁଥିବାବେଳେ ଲୋକମାନଙ୍କ ଭିତରେ ୧୯୯୯ର ମହାବାତ୍ୟାର ଭୟ ଏକ ପ୍ରକାର କଳା ବାଦଲ ପରି ଢ଼ାଙ୍କି ରଖିଛି। ପେଟ୍ରୋଲ, ଗ୍ୟାସ, ଚଡ଼କ ପରି ବଢୁଥିବାବେଳେ ଇତିମଧ୍ୟରେ ସାଧାରଣରେ ଖାଉଟିଙ୍କ ମୁଖ୍ୟ କୁହାଯାଉଥିବା ଆଳୁ ଠାରୁ ପରିବା, ବିସ୍କୁଟ ଠାରୁ ତେଲ, ସାବୁନ ଠାରୁ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ରୋଷେଇ ଘରେ ମହଙ୍ଗା ମାଡ଼ ଖାଉଟିଙ୍କ ପକେଟକୁ କଣା କରୁଛି। ସାଧାରଣରେ ଅସନ୍ତୋଷ ବଢୁଛି ହେଲେ ଶୁଣୁଛି କିଏ। ଯଦି ଆପଣ ଘରର ସଉଦା ପତ୍ର କିଣୁଥାନ୍ତି ତେବେ ଭଲ ଭାବେ ଜାଣିଥିବେ। ବିସ୍କୁଟ ପ୍ୟାକେଟ ପାଞ୍ଚଟଙ୍କା ବଢ଼ି କୋଡିଏରୁ ପଚିଶ। ଛୋଟ ପିଲାଙ୍କ ଲକ୍ଟୋଜେନ ଠାରୁ ବିଭିନ୍ନ ପ୍ରକାର ପାଉଡର ମାସକରେ ତିରିଶ ଟଙ୍କା ବଢ଼ିଲାଣି। ଅମୁଲ ପନ୍ଦର ଟଙ୍କା ବଢ଼ି ୩୯୦ ଛୁଇଁଲାଣି। ରିଫାଇନ ତେଲ ୧୫ଟଙ୍କା ବଢ଼ି ୨୦୦ କଣ୍ଟା ପାଖରେ ଥିଲାବେଳେ ସର୍ଫ କେଜି ପିଛା ୫ଟଙ୍କା ଆଉ ଦାନ୍ତଘଷା ପେଷ୍ଟ ୫ରୁ ୧୦ଟଙ୍କା ବଢ଼ିଗଲାଣି। ପରିବାର ଦର ବି ସେହିପରି। ୨୦ଟଙ୍କା ଥିବା କେଜି ଏବେ ପାଖାପାଖି ୩୦ରେ ପହଞ୍ଚିଲାଣି। ଟମାଟୋ ତ ୮୦ ଆଉ କିଲୋ ପିଛା ୩୦ରୁ ୪୦ ଟଙ୍କା ରହୁଥିବା ସାରୁ ଏବେ ୬୦ରେ ପହଞ୍ଚିଲାଣି। ପ୍ରଶ୍ନ ଉଠୁଛି ଲୋକ ତାହାଲେ ଖାଇବେ କ'ଣ ? ଦରଦାମ ଯେଉଁପରି ବଢୁଛି ଲୋକଙ୍କ ରୋଜଗାର ବା ଆୟ ବା ମାସିକ ଦରମା ସେହିପରି ବଢୁନାହିଁ। ବର୍ତ୍ତମାନ ବଜାରରେ ଡାଲି ୧୧୦, ସୋରିଷ ତେଲ ଓ ରିଫାଇନ ତେଲ ୨୦୦, ପେଟ୍ରୋଲ ଡିଜେଲ ଦରତ ଲଗାମ ହୀନ ଭାବେ ବଢ଼ିଚାଲିଛି ତା ସହିତ ରନ୍ଧନ ଗ୍ୟାସ କିଛି ଦିନ ତଳେ ୫୦ଟଙ୍କା ବଢ଼ିବା ପରେ ରୋଷେଇଘରେ ଚଡ଼କ ପଡ଼ିଯାଇଛି। କରୋନା ମାଡ଼ରେ ରୋଜଗାର କମିଥିବାବେଳେ ଲୋକମାନେ ଅସ୍ତବ୍ୟସ୍ତ ହୋଇଯାଇଥିଲେ। ଦରଦାମ ଲୋକମାନଙ୍କୁ କନ୍ଦାଇ ଦେଇଥିଲା। ଏବେ ପିଲାମାନଙ୍କ ବିଦ୍ୟାଳୟ ସବୁ ଖୋଲି ଯାଇଛି, ସେହିପରି କରୋନା ମୁକ୍ତ ହେବାପରେ ଘର ପରିବାରରେ କିଣାକିଣିର ଧାରା ପୂର୍ବ ପରି ଆରମ୍ଭ ହୋଇଯାଇଛି। ହେଲେ ପକେଟରେ ଧନ ଥିଲେ ତ ? ସରକାରୀ ଚାକିରିଆଙ୍କର ସେପରି ଦରମା ବା ଭତ୍ତା ବଢ଼ିନି। ଇଆଡ଼େ ଘର ସଂସାର ଭିତରେ ବନ୍ଧୁବାନ୍ଧବ, ଖୋଜାଲୋଡ଼ା, ଭାର ବ୍ୟବହାର ଅଛି। ଦେହପାଆ କଥା ଦେଖିଲେ ଡାକ୍ତରୀ ଫିସ୍ ଓ ଔଷଧପତ୍ର, ପରୀକ୍ଷା ନିରୀକ୍ଷା ତା ପଇସା ବି ଅଛି। ବାର ଦେଖି ଆଇଁଶ ଟିକେ ପାଟିରେ ମାରିବା ପୂର୍ବରୁ ରେଟ କଥା ଶୁଣି କିଲେ ଜାଗାରେ ତିନିଶହ କାଟି ସାତଶହ ଗ୍ରାମ କିଣିବାକୁ ପଡୁଛି। ୫୦୦ ଗ୍ରାମ ଜାଗାରେ ୩୦୦ ଗ୍ରାମର ଆଇଁଶ କିଣି ପରିବା ପକେଇ ଚଳେଇଦେବାକୁ ପଡୁଛି। ତାହାହେଲେ ଆମେ ବଞ୍ଚିବା କିପରି ? କିପରି ଚଳିବା ?

ସାଧାରଣରେ ବଜାରରେ ଦରଦାମ ନିୟନ୍ତ୍ରଣ କରିବା ଦାୟିତ୍ୱ କାହାର ? ଏକ ଗଣତନ୍ତ୍ର ରାଷ୍ଟ୍ରରେ ଜଣେ ସାଧାରଣ ଲୋକ କିପରି ନିୟନ୍ତ୍ରିତ ଭାବେ ଜୀବନ ବଞ୍ଚାଇବ ଏବଂ ଘର ସଂସାର ଚଳାଇବ ଏ ଦାୟିତ୍ୱ ସମ୍ବିଧାନ ପ୍ରଦତ୍ତ ସରକାରଙ୍କର। ହେଲେ




**ଶ୍ରୀକାନ୍ତ କୁମାର ସାହୁ**
ବିଡ଼ାନାସୀ, ନୂଆସାହି, କଟକ
ଦୂରଭାଷ : ୭୦୦୮୩୨୫୭୩୧

ପ୍ରୋତ୍ସାହନ, ଭତ୍ତା, ସହାୟତା ଏସବୁ ସମସ୍ତଙ୍କୁ ମିଳୁନାହିଁ। ବଡ଼ବଡ଼ିଆମାନେ ତ ଚଳିଯିବେ, ମଧବିତ୍ତମାନେ ଦୋହଲି ଦାହାଲି ଠିକି ଯିବେ ହେଲେ ନିମ୍ନ ମଧବିତ୍ତଙ୍କ ଅଣ୍ଟା ଭାଙ୍ଗିଯିବ ଆଉ ଗରିବ ଟିଏ ତ ମରିଯିବ ନିଶ୍ଚୟ!! ତାହାହେଲେ ଏ ସଂସାର କ'ଣ ଆଉ ରହିବନି ? କଥାରେ ଅଛି 'ସଂସାର କରିଥିଲେ ପଥର ପଡ଼ିଲେ ସହି'। ହେଲେ ଏ ପଥର ଯଦି ଇଚ୍ଛାକୃତ ହୁଏ ତାକୁ କ'ଣ ସହିହେବ ? ଜୀବନ ଅଛି ମାନେ ଦେହପାଆ, ରୋଗ ବୈରାଗ୍ୟ, ଅଘଟଣ ଦୁର୍ଘଟଣ ତ ରହିବ ଏହାକୁ କିଏ ଅତ୍ୟୁକ୍ତି କରୁନାହିଁ। କିନ୍ତୁ ଯେଉଁଠି ନିୟନ୍ତ୍ରଣ ହୀନ ପ୍ରଶାସନର ବେଲଗାମ ବଜାରର ଉଚ୍ଚାଚଢ଼ା ଦର ଓ ଠେଲାପେଲା ସେଠି ସାଧାରଣରେ ଖାଉଟି ଟିଏ କ'ଣ କରିବ ବା କିପରି ବା ଚଳିବ ? ପେଟ୍ରୋଲ ମୂଲ୍ୟ ଯାହା ଗାଡ଼ି ଟିଏ ଧରି ବାହାରିବା ପାଇଁ ଶହେ ଥର ଚିନ୍ତା କରିବାକୁ ପଡୁଛି। ଗ୍ୟାସ ୧୦୩୦ ଟଙ୍କା ପାଖରେ ପହଞ୍ଚିଥିବାବେଳେ ରାନ୍ଧିବା ପୂର୍ବରୁ ଘରଣୀ ଶହେ ଥର ଚିନ୍ତା କରୁଛନ୍ତି। ସହରରେ ତ ଲୋକ ଘର ବାହାରେ ଚୁଲି ଖୋଲି ପକାଇଲେଣି। କେହି କେହି ଯଦି ଗାଁ ଗଣ୍ଡାରୁ କମ ମୂଲ୍ୟରେ କିରୋସିନ ପାଉଛନ୍ତି ତାହେଲେ କିଛି ରୋଷେଇ ଷ୍ଟୋଭରେ କରିବା ପାଇଁ ଭାବୁଛନ୍ତି। ହେଲେ ଏ କ'ଣ ସରଳ ଆଉ ସମାଧାନର କଥା। ବଜାର ଦର ଉପରେ ନିୟନ୍ତ୍ରଣ ରହିବା ଦାୟିତ୍ୱ କ'ଣ ଖାଉଟିଙ୍କର ନାଁ ପ୍ରଶାସନ ନା ସରକାରଙ୍କର ? ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପାମୋଲିନ ତେଲ ବଢ଼ିଗଲା, ଏକାବେଳକେ ୩୦ଟଙ୍କାର ଲଙ୍ଗଜମ୍ପ ମାରିଲା ହେଲେ ଆପଣ ଜାଣିଛନ୍ତି ଭାରତ ସରକାର ଏବେ ଶସ୍ତା ମୂଲ୍ୟରେ ରୁଷରୁ ପ୍ରଚୁର ମାତ୍ରାରେ ପେଟ୍ରୋଲ ଓ ଡିଜେଲ କିଣୁଛନ୍ତି କିନ୍ତୁ ବଜାରରେ ପେଟ୍ରୋଲ ଡିଜେଲର ରେଟ କ'ଣ ପାଇଁ ଚଡ଼କ ପରି ଉଠିଯାଇଛି ? ପାଠକେ ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ପେଟ୍ରୋଲ ଓ ଡିଜେଲରେ ଲିଟର ପିଛା କେବଳ ଟିକସ ଦେଉଛୁ ପାଖାପାଖି ୬୦ଟଙ୍କା। ଦେଶର ଉନ୍ନତି ପାଇଁ କେନ୍ଦ୍ର ସରକାର ଖର୍ଚ୍ଚ କରୁଛନ୍ତି କେହି ମନା କରୁନାହିଁ କିନ୍ତୁ ଯେତେବେଳେ ଶସ୍ତା ରହୁଛି ଲୋକଙ୍କୁ ତାହା ସୁଫଳ ଦିଅନ୍ତୁ କିମ୍ବା ଅନ୍ୟ ଖାଉଟି ସାମଗ୍ରୀରେ ରିହାତି ଦିଅନ୍ତୁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତାଙ୍କୁ ସର୍ବନିମ୍ନ ବଜାର ଦରରେ ଏବଂ ସାମଗ୍ରିକ ସୁବିଧାରେ ରଖିବାର ଦାୟିତ୍ୱ ହେଉଛି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଏକ ସାମ୍ବିଧାନିକ ସରକାରର। ଓଡ଼ିଶା ସରକାର ଅନେକ ସୁଫଳ ଦେଉଛନ୍ତି କିନ୍ତୁ ବଜାର ଦର ପାଇଁ ନିୟନ୍ତ୍ରଣ ଯେଉଁ ବ୍ୟବସ୍ଥାରେ ଉଲ୍ଲେଖ ରହିଛି ତାହାର ନିୟନ୍ତ୍ରଣ କ'ଣ ଖାଉଟିମାନେ କରିବେ ? ତେଣୁ ତୁରନ୍ତ ବଢ଼ି ପାଣି ବେକେ ହେବା ପୂର୍ବରୁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ନଚେତ ଜନ ଅସନ୍ତୋଷର ନିଆଁ ସାମଗ୍ରିକ ଭାବେ ସମାଜକୁ ଯେଉଁ ବାର୍ତ୍ତା ଦେବ ତାହାକୁ ସହ୍ୟ କରିବାର ଶକ୍ତି ଆଉ କାହାପାଖରେ ନଥିବ। କୁହାଯାଏ ଭୋକିଲା ପେଟ କିଛି ଆଇନ ଜାଣେନା। ଯେତେବେଳେ ଜଣଙ୍କ ଘରେ ଖାଇବାକୁ ନଥିବ, ଲୋକଟିର କାମଦାମ ନଥିବ ତା ସଂସାର ଓ ଜୀବନ ଜୀବିକାକୁ ଦେଖି ସେ ଅବାଟରେ ଯିବ। ସେ ଅବାଟ ଚୋରି ନାରୀ ହେଉ ବା ଯାହାକିଛି ବି ହେଉ ତେଣୁ ସାମଗ୍ରିକ ଭାବେ ଏହାର ସମାଧାନ କରାଯାଉ ଏବଂ ଆଉ ଗୋଟିଏ କଥା ଦୈବ ଦୁର୍ବିପାକ ବା ବାତ୍ୟା ନାମରେ କଳାବଜାରୀ ନ ହେଉ। ଏ ଦାୟିତ୍ୱ କିନ୍ତୁ ଆମ ମାନଙ୍କର।

## ଦେଶଦ୍ରୋହ ଆଇନରେ ରୋକ୍

ଏକ ଐତିହାସିକ ଘଟଣା କ୍ରମରେ ଦେଶର ସର୍ବୋଚ୍ଚ ଅଦାଲତ (ସୁପ୍ରିମକୋର୍ଟ) ୧୫୨ ବର୍ଷର ପୁରୁଣା 'ରାଜଦ୍ରୋହ' ବା 'ଦେଶଦ୍ରୋହ' ଆଇନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଭାରତୀୟ ପିଙ୍ଗଳ କୋଡ଼ ବା ଆଇପିସି ଧାରା ୧୨୪ (ଏ) ଆଧାରରେ ୧୮୭୦ ମସିହାରୁ ଏହି ଆଇନ ରହିଛି। ଆଇନ ବଳରେ ସରକାରଙ୍କ ବିରୋଦରେ ଉଠୁଥିବା ସ୍ୱରକୁ ଦମନ କରାଯାଇପାରୁଛି। ସୁପ୍ରିମକୋର୍ଟ ଏହା ଉପରେ ଲଗାମ କଷିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଏନ.ଭି.ରମନ୍ନା, ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ବିଚାରପତି ଜଷ୍ଟିସ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାରା ୧୨୪ (ଏ) ଅନ୍ତର୍ଗତ ସମସ୍ତ ଶୁଣାଣି, ଆବେଦନ ଓ କାର୍ଯ୍ୟାନୁଷ୍ଠାନ ବା ପ୍ରୋସିଡ଼ିଂକୁ ସ୍ଥଗିତ ଘୋଷଣା କରିଛନ୍ତି। ଏଥିସହିତ ଏହି ଆଇନ ବଳରେ ନୂଆ ମାମଲା ରୁଜୁ ନକରିବାକୁ ମଧ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ସ୍ଥଗିତାଦେଶ ପରେ ରାଜଦ୍ରୋହ ବା ଦେଶଦ୍ରୋହ ଆଇନ ବଳରେ କେନ୍ଦ୍ର ଅଥବା ରାଜ୍ୟ ସରକାର କୌଣସି ପ୍ରକାର ଏତଲା ରୁଜୁ କରିବା, ତଦନ୍ତ ଜାରି ରଖିବା କିମ୍ବା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ବିରତ ରହିବେ। ଯେ ପର୍ଯ୍ୟନ୍ତ ଏହି ଆଇନର ପୁନର୍ବିଚାର ପ୍ରକ୍ରିୟା ଶେଷ ନହୋଇଛି ସେ ପର୍ଯ୍ୟନ୍ତ ଅନ୍ତତଃ ପକ୍ଷେ ଏହି ଆଇନର ପ୍ରୟୋଗ ବନ୍ଦ ରଖାଯିବ। ଯେଉଁମାନେ ଏହି ରାଜଦ୍ରୋହ ବା ଦେଶଦ୍ରୋହ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି ସେମାନେ ଅଦାଲତଙ୍କ ଦ୍ୱାରା ଜାମିନ ପାଇବାର ଉପଯୁକ୍ତ ପ୍ରକ୍ରିୟା ପାଇଁ ସୁଯୋଗ ଦେବାକୁ ମଧ ସୁପ୍ରିମକୋର୍ଟ କହିଛନ୍ତି। ସେହିଭଳି ଯଦି କୌଣସି ନୂଆ ମାମଲା ଏହି ଆଇନ ଅଧିନରେ ରୁଜୁ କରାଯାଉଛି ତେବେ ଜାମିନ ଆବେଦନ ଲାଗି ସୁବିଧା ଦେବା ଏବଂ ଅଦାଲତଙ୍କ ଦ୍ୱାରା ଏହାର ଉପଯୁକ୍ତ ବିଚାର କରିବାକୁ ସୁପ୍ରିମକୋର୍ଟ କହିଛନ୍ତି।

କୋର୍ଟ ଆହୁରି କହିଛନ୍ତି ଯେ ଦଫା ୧୨୪(ଏ)ରେ ଯଦି କୌଣସି ସାନି ମାମଲା ଦାୟର ହୁଏ, ତାହାହେଲେ ସଂପୃକ୍ତ ବ୍ୟକ୍ତି ଆଶ୍ୱସ୍ତି ପାଇଁ କୋର୍ଟର ଆଶ୍ରୟ ନେଇପାରିବେ। ଏଭଳି ପରିସ୍ଥିତିରେ ସୁପ୍ରିମ କୋର୍ଟଙ୍କ ଆଦେଶ ଏବଂ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି କୋର୍ଟ ଆଶ୍ୱସ୍ତି ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ମାମଲାର ଶୁଣାଣି ଆରମ୍ଭରେ ଭାରତ ସରକାର ଦେଶଦ୍ରୋହ ମାମଲା (ଦଫା ୧୨୪ଏ) ସପକ୍ଷରେ ଯୁକ୍ତି ଦର୍ଶାଇଥିଲେ। ତେବେ ଗତ ସୋମବାର ଦିନ ସୁପ୍ରିମକୋର୍ଟରେ ତାଙ୍କର ମତ ବଦଳାଇ ଦେଶଦ୍ରୋହ ମାମଲାର ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମୀକ୍ଷା/ସଂଶୋଧନ ନ ହେବା ପର୍ଯ୍ୟନ୍ତ ଏହି ମାମଲାକୁ ସ୍ଥଗିତ ରଖିବା ଲାଗି ଆବେଦନକାରୀଙ୍କ ଯୁକ୍ତିକୁ ସଲିସିଟର ଜେନେରାଲ ତୁଷାର



**ଯୁଧିଷ୍ଠିର ମହାରଣା**
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

ମେହେଟ୍ଟା ବିରୋଧ କରିଥିଲେ। ସେ କହିଥିଲେ ଯେ ଏହି ମାମଲା ଉପରେ ରୋଗ ଲଗାଇବା ଠିକ୍ ହେବନାହିଁ। କିନ୍ତୁ ଦେଶଦ୍ରୋହ ମାମଲାର ଦାୟର ହୋଇପାରିବ କି ନାହିଁ ତାହା କେବଳ ଏସପି ସ୍ତରୀୟ ପୁଲିସ ଅଧିକାରୀ ନିଷ୍ପତ୍ତି ନେଇପାରିବେ। ଏଭଳି ସୁରକ୍ଷା ବ୍ୟବସ୍ଥା ରଖାଯାଉ। ଦେଶଦ୍ରୋହ ଆଇନ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ନିର୍ଦ୍ଦେଶକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଛି। ଏହି ଆଇନ ଅଭିବ୍ୟକ୍ତିର ସ୍ୱାଧୀନତାକୁ କଣ୍ଠରୋଧ କରୁଥିଲା ବୋଲି ମତ ପ୍ରକାଶ ପାଇଛି। ଉଲ୍ଲେଖ ଥାଉକି, ଗତ କିଛି ବର୍ଷ ହେଲା ଏହି ଆଇନ ବଳରେ ସରକାର ଅନେକ ଲୋକଙ୍କୁ ବାନ୍ଧି ଜେଲରେ ପୁରାଇଛନ୍ତି। ସରକାରଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ମତ ଦେବା, ବ୍ୟଙ୍ଗଚିତ୍ର କରିବା, ଟିପ୍ପଣୀ କରିବା ପ୍ରତ୍ୟେକଟି ମାମଲାରେ ଗିରଫଦାରୀ ଚାଲିଥିଲା। ଏପରିକି ୨୦୧୮ରୁ ଏ ପର୍ଯ୍ୟନ୍ତ ୪୦ଜଣ ସାମ୍ବାଦିକଙ୍କ ବିରୋଦରେ ୨୧ଟି ମାମଲା କରାଯାଇ ସେମାନଙ୍କୁ ଗିରଫ କରାଯାଇଛି।

ଆସନ୍ତୁ ଜାଣିବା ଦଫା ୧୨୪(କ) କ'ଣ ? ତେବେ କ'ଣ ଏହି ଦେଶଦ୍ରୋ/ରାଜଦ୍ରୋହ ଆଇନ ? ଆଇପିସିର ଧାରା ୧୨୪ (କ) ଅନୁଯାୟୀ, ଦେଶଦ୍ରୋହ ହେଉଛି କୌଣସି ବ୍ୟକ୍ତି ଭାରତର ପ୍ରତିଷ୍ଠିତ ଆଇନ ଓ ବ୍ୟବସ୍ଥା ପ୍ରତି ଶବ୍ଦ, ଭାଷା ତଥା ଲିଖିତ ଭାବେ ଅନାସ୍ଥା ତଥା ଅସମ୍ମାନ କରିବା, ଘୃଣା ସୃଷ୍ଟି ତଥା ଅବମାନନା ଉଦ୍ୟମ କରିବା, ଅଥବା ଉତ୍ତେଜିତ କରାଇବା କିମ୍ବା ଏ ନେଇ ଉଦ୍ୟମ କରିବା କ୍ଷେତ୍ରରେ ଲାଗୁ କରାଯାଇଥାଏ। ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତକୁ ସର୍ବନିମ୍ନ ତିନି ବର୍ଷ ଜେଲଦଣ୍ଡାଦେଶ ଓ ଜୋରିମାନା ଏବଂ ସର୍ବାଧିକ ଆଜୀବନ କାରାଦଣ୍ଡାଦେଶ ତଥା ଏଥିସହ ଜୋରିମାନା ବ୍ୟବସ୍ଥା ଉକ୍ତ ଆଇନରେ ରହିଛି। ଭାରତରେ ବ୍ରିଟିଶ ଉପନିବେଶବାଦର ପରିସମାପ୍ତି ଘଟି ଦେଶ ସ୍ୱାଧୀନ ହୋଇଥିବାରୁ ଏଭଳି ଆଇନର ଆବଶ୍ୟକତା ନଥିବା ବିଭିନ୍ନ ଆଇନ ସଂଗଠନ, ମାନବାଧିକାର ସଂସ୍ଥା ତଥା ବୁଦ୍ଧିଜୀବୀ ଯୁକ୍ତି ଦର୍ଶାଇ ଏହାକୁ ଉଚ୍ଛେଦ କରିବା ଲାଗି ଦାବି କରିଆସୁଛନ୍ତି। ଏପିରିକି ଏଭଳି ରାଜଦ୍ରୋହ ଆଇନ ଜରିଆରେ ବିଭିନ୍ନ ସମୟରେ ଶାସନ ବ୍ୟବସ୍ଥାରେ ଥିବା ଦଳ ସେମାନଙ୍କ ରାଜନୈତିକ ଶତ୍ରୁସାଧନା ଲାଗି ଏହି ଆଇନର ଦୁରୁପଯୋଗ କରୁଥିବା ଅଭିଯୋଗ ହୋଇଆସୁଛି।

ଦେୱାନୀ ସ୍ୱାଧୀନତା ଓ ନାଗରିକଙ୍କ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା ଜରୁରୀ। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର କଠୋର ଦଫା ୧୨୪(ଏ) (ଦେଶଦ୍ରୋହ) ସାମ୍ପ୍ରତିକ ସାମରିକ ପରିବେଶ ସହ ଖାପ ଖାଉନାହିଁ। ତେଣୁ କେନ୍ଦ୍ର ସରକାର ୧୬୨ ବର୍ଷ ପୁରୁଣା ଦେଶଦ୍ରୋହ ଆଇନର ପୁନଃ ସମୀକ୍ଷା ନକରିବା ପର୍ଯ୍ୟନ୍ତ ଏହା ବଳରେ ନୂଆ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଅନ୍ତରୀଣ ରାୟ ଦେଇଛନ୍ତି। ସିଜେଆଇ ଏନ୍.ଭି.ରମନାଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଜୁଲାଇ ତୃତୀୟ ସପ୍ତାହରେ ଶୁଣାଣି ଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନର ନିର୍ଦ୍ଦେଶନାମା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି।

# ଆସିକାର ପୂର୍ବତନ ବିଧାୟକ ସରୋଜ ପାଢୀଙ୍କ ପତ୍ତା ମିଳୁନି

## କିଡ୍‌ନାପ ନେଇ ବଢିଲା ସନ୍ଦେହ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆସିକାର ପୂର୍ବତନ ବିଧାୟକ ସରୋଜ ପାଢୀଙ୍କର କୌଣସି ଖୋଜଖବର ନାହିଁ। ଗତକାଲିଠାରୁ ସରୋଜ ନିଖୋଜ ଥିବା ନେଇ ତାଙ୍କ ପୁଅ କ୍ୟାପିଟାଲ୍ ଥାନାରେ ଏତଲା ଦେଇଛନ୍ତି। ତେବେ ସରୋଜଙ୍କୁ କେହି କିଡ୍‌ନାପ୍ କରିଥିବା ତାଙ୍କ ପରିବାର ଲୋକେ ସନ୍ଦେହ କରୁଛନ୍ତି। ଭୁବନେଶ୍ୱର ୟୁନିଟ୍-୬ ସୂର୍ଯ୍ୟନଗରସ୍ଥିତ ଏକ ଆପାର୍ଟମେଣ୍ଟରେ ସରୋଜ ନିଜ ପରିବାର ସହ ରହୁଥିବା ବେଳେ ଗତକାଲି ସକାଳେ ସେ କୌଣସି କାରଣରୁ ବାହାରକୁ ଯାଇ ଆଉ ଫେରିନାହାଁନ୍ତି। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ସରୋଜଙ୍କ ଫୋନ୍ ସୁଇଚ୍ ଅଫ୍ ଦେଖାବାରୁ ତାଙ୍କର ପରିବାର ଲୋକେ ବିବ୍ରତ ହୋଇ ପଡିଥିଲେ। ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିବା ସହ ଚାରିଆଡେ ଖୋଜିବା ପରେ ସରୋଜଙ୍କର କୌଣସି ପତ୍ତା ମିଳିନଥିଲା। ସରୋଜ ଘରୁ ଯିବା ପୂର୍ବରୁ କାହାକୁ ଦେଖା କରିବାକୁ ଯାଉଛନ୍ତି ସେ ନେଇ ପରିବାର ଲୋକଙ୍କୁ କିଛି ଜଣାଇନଥିଲେ।




ତେବେ ଗତକିଛି ଦିନ ହେଲା ସରୋଜଙ୍କ ନିକଟକୁ କିଛି ସନ୍ଦେହଜନକ ଫୋନ୍ ଆସୁଥିଲା। ଉକ୍ତ ଫୋନ୍‌କୁ ନେଇ ସରୋଜ ଅଧିକାଂଶ ସମୟରେ ବ୍ୟସ୍ତ ରହୁଥିଲେ। କିଏ ଓ କାହିଁକି ଫୋନ୍ କରୁଥିଲେ ତାହା ପରିବାର ଲୋକେ ଜାଣି ନାହାଁନ୍ତି। ବୋଧହୁଏ କେହି ସରୋଜଙ୍କୁ ବ୍ଲକ୍‌ମେଲିଂ କରୁଥିଲେ ବୋଲି ତାଙ୍କର ପୁଅ କହିଛନ୍ତି। ସରୋଜ ଜଣେ ରାଜନେତା ହୋଇଥିବାରୁ ଏହି ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରି ପୋଲିସ୍ ତଦନ୍ତ ଆରମ୍ଭ କରିଛି। ସରୋଜଙ୍କର ମୋବାଇଲ୍ ନମ୍ବରର ମାସକର କଲ୍ ଡିଟେଲ୍ସ ରେକର୍ଡ ମଗାଯାଇଛି। ସୂଚନାଯୋଗ୍ୟ ଯେ, ସରୋଜ ଗତ ୨୦୦୪ରେ ଆସିକାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ହୋଇଥିଲେ। ୨୦୧୪ରେ ସେ ନିର୍ବାଚନ ଲଢିଥିଲେ ଓ ୨୦୧୯ରେ କଂଗ୍ରେସ ଛାଡିଥିଲେ।

## ଡିସିପି ପ୍ରତୀକ ସିଂହ ଦେଲେ ସୂଚନା



ଗଞ୍ଜାମ ଆସିକାର ପୂର୍ବତନ ବିଧାୟକ ସରୋଜ କୁମାର ପାଢୀ ନିଖୋଜ ଘଟଣାରେ ପୋଲିସ୍ ଖୋଜାଖୋଜି ଜାରି ରଖିଛି। ହେଲେ ଏ ପର୍ଯ୍ୟନ୍ତ ତାଙ୍କର କୌଣସି ସୂଚନା ମିଳିପାରି ନଥିବା ପୋଲିସ୍ ସୂଚନା ଦେଇଛି। ଏ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି କ୍ୟାପିଟାଲ୍ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ କରୁଛି। ପୂର୍ବତନ ବିଧାୟକ ସରୋଜ ପାଢୀ କେଉଁ କେଉଁ ସ୍ଥାନକୁ ଯାଇପାରନ୍ତି ସେସବୁ ସ୍ଥାନରେ ଅନୁଧ୍ୟାନ କରାଯାଉଛି। ତା ସହିତ ରେଲୱେ ଷ୍ଟେସନ, ବସଷ୍ଟାଣ୍ଡ ଆଦି ସ୍ଥାନରେ ପୋଲିସ୍ ଟିମ୍ ଛାନଭିନ୍ କରିଛି। ଏହାସହ ସମସ୍ତ ସଂପର୍କୀୟଙ୍କୁ ପୋଲିସ୍ ପଚାରାଉଚରା କରୁଥିବା ଡିସିପି କହିଛନ୍ତି।

ପୂର୍ବତନ ବିଧାୟକ ନିଖୋଜ ହେବା ନେଇ ଗତ ୧୨ ତାରିଖରେ ତାଙ୍କ ପୁଅ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ସରୋଜ ତାଙ୍କ ସମସ୍ତ ଆବଶ୍ୟକୀୟ ଜିନିଷ(ମୋବାଇଲ୍ ଫୋନ୍, ପର୍ସ, ଗହଣା) ଘରେ ଛାଡି ସେହିଦିନ ସକାଳ ୭ଟାରେ ଘରୁ କୁଆଡେ ପଳାଇଛନ୍ତି ବୋଲି ପୁଅ ଅଭିଯୋଗ କରିଥିଲେ।

ଏହାପରେ କ୍ୟାପିଟାଲ୍ ଥାନା ଆଇଆଇସିଙ୍କ ନେତୃତ୍ବରେ ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ସବୁ ଜାଗାକୁ ସୂଚନା ଦିଆଯାଇଛି। ସମସ୍ତ ସମ୍ପର୍କୀୟଙ୍କୁ ଆମେ କଣ୍ଟାକ୍ଟ କରି ତାଙ୍କ ବିଷୟରେ ପଚରାଉଚରା କରୁଛୁ। ଆମର ଆଶା ସେ ପୂର୍ବତନ ବିଧାୟକ ଖୁବଶୀଘ୍ର ମିଳିଯିବେ ବୋଲି ଡିସିପି କହିଛନ୍ତି।

# ସିଏମ୍‌ସି ଦେଉନି ଆର୍‌ଟିଆଇ ସୂଚନା !

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମକୁ ସୂଚନା ଅଧିକାର ଆଇନରେ ଆବେଦନ କରିବାର ୨୦୦ ଦିନରୁ ଉର୍ଦ୍ଧ୍ୱ ବିତିଗଲା ପରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତିନି ତିନିଥର ଶୁଣାଣି ରି ଅପିଲ ଆଦେଶ ପତ୍ର ଓ ସୂଚନାର ତଥ୍ୟ ଦେଉ ନଥିବା ପ୍ରତିବାଦରେ ଶୁକ୍ରବାର ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏକ ଅଭିନବ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। କଟ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଥାଳି ବାହେଇ ପ୍ରତିବାଦ କରାଯାଇଥିଲା। ତଥ୍ୟ ପ୍ରଦାନରେ ଅବହେଳା କରୁଥିବା ଜନସୁଚନା ଅଧିକାରୀ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିଗମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଉପ ଆୟୁକ୍ତ ଶ୍ରୀଯୁକ୍ତ ଅଜୟ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।




ସୂଚନା ଅଧିକାର କର୍ମୀ ଶ୍ରୀ ସାହୁ ଜନସୂଚନା ଅଧିକାରୀଙ୍କୁ ସୂଚନା ପାଇଁ ଆବେଦନ କରିବା ସହ ତଥ୍ୟ ବାବଦ ଅର୍ଥ ଦାଖଲ କରି। ପରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସୂଚନାର ତଥ୍ୟ ମିଳୁନାହିଁ କି ପ୍ରଥମ ଅପିଲ କରିବାର ୨୦୦ ଦିନ ବିତିଗଲା ପରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ପ୍ରଥମ ଅପିଲ ଶୁଣାଣି ପାଇଁ ବାରମ୍ବାର ତାରିଖ ଧାର୍ଯ୍ୟ କରି ଅପିଲ ଶୁଣାଣି କରୁଛନ୍ତି। ଅପିଲ ଶୁଣାଣିରେ ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରାୟତଃ ଅନୁପସ୍ଥିତ ରହୁଥିବା ଦେଖାଯାଉଛି ବୋଲି ଅଭିଯୋଗ କରାଯାଇଛି। ସୂଚନାର ତଥ୍ୟ ପ୍ରଦାନ କଲେ ଦୁର୍ନୀତି ଲୋକଲୋଚନକୁ ଆସିଯିବା ଭୟରେ ସୂଚନା ଅଧିକାର ଆଇନକୁ ବେଖାତିର କରି ସୂଚନାର ତଥ୍ୟ ପ୍ରଦାନ କରୁନାହାନ୍ତି ବୋଲି ଅଭିଯୋଗ କରାଯାଇଛି। କର୍ମୀଙ୍କୁ ସୂଚନାର ତଥ୍ୟ ପ୍ରଦାନ କରୁ ନଥିବାରୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନାର ଶିକାର ହେବକୁ ପଡୁଥିବା ବେଳେ ସିଏମ୍‌ସି ଆୟୁକ୍ତ ନିଦାବିଷ୍ଣୁ ପାଲଟିଛନ୍ତି ବୋଲି ଓସା କଟକ ଜିଲା ପକ୍ଷରୁ ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ସୂଚନା ଅଧିକାରୀ କର୍ମୀ ପ୍ରତାପ ମହାନ୍ତି, ଜ୍ଞାନରଂଜନ ଭୂୟାଁ, ଦୀପକ ଚୌଧୁରୀ, ମନୋରଂଜନ ଜେନା, ମାଧବାନନ୍ଦ ଭୋଇ, ଦିଲୀପ ପାଣି, ଗୋକୁଳାନନ୍ଦ ପ୍ରଧାନ, ରବୀନ୍ଦ୍ର ସାହୁ, ନରହରି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବା ବିକାଳି ଝୁଡିରେ ଶିଶୁ, ଧରିଦେଲେ ଗାଁ ଲୋକ

**ନୟାଗଡ(ସଂପର୍କବାର୍ତ୍ତା):-** ପରିବା ବିକିବାକୁ ଆସି ପିଲା ଚୋରି କରୁଥିବା ସନ୍ଦେହରେ ଜଣେ ପରିବା ବିକାଳିକୁ ପୋଲିସ୍ ଜିମା ଦେଇଛନ୍ତି ଲୋକେ। ହେଲେ ଧରା ପଡିବାରୁ ମୁଁ ପିଲାକୁ ବୁଲାଇବାକୁ ନେଇଥିଲି, ଚୋରି କରିବାକୁ ନୁହେଁ ବୋଲି ସଫେଇ ଦେଇଛି ପରିବା ବିକାଳିଜଣକ। ଏମିତି ଏକ ଘଟଣାକୁ ନେଇ ନୟାଗଡ ଶରଣକୁଳ ଥାନା ପାଇକଗଡ ଗ୍ରାମରେ ଚାପା ଉତ୍ତେଜନା ଦେଖା ଦେଇଛି।

ଖବର ଅନୁସାରେ, ଗତକାଲି ଗାଁର ଅଜୟ ମୁଦୁଲିଙ୍କ ୩ ବର୍ଷର ଝିଅ ଗାଁ ଦାଣ୍ଡରେ ଖେଳୁଥିଲା। ଏହି ସମୟରେ ପରିବା ବିକ୍ରି କରିବାକୁ ଆସିଥିବା ରଙ୍କ ମହାରଣା ଝିଅଟିକୁ ନିଜ ପରିବା ବୋଝରେ ପକାଇ ଉପରେ ଅଖା ଘୋଡାଇ ନେଇ ପଳାଇଥିଲେ। ବିକାଳିଜଣକ ଗାଁ ଅତିକ୍ରମ କରି ଶରଣକୁଳ ମାର୍କେଟ ପାଖାପାଖି ହୋଇଯାଇଥିବା ବେଳେ ପିଲାଟି କାନ୍ଦିବାରୁ ସ୍ଥାନୀୟ ଲୋକେ ତାକୁ ଅଟକାଇଥିଲେ। ଏହାପରେ ପିଲାଟିକୁ ଉଦ୍ଧାର କରିଥିବା ବେଳେ ସ୍ଥାନୀୟ ଲୋକେ ପରିବା ବିକାଳିକୁ ଶରଣକୁଳ ପୋଲିସ୍ ଜିମା ଦେଇଥିଲେ।



ପୋଲିସ୍ ଏହି ଘଟଣାରେ ରଙ୍କକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପିଲାଟିକୁ ଜାଣି ନ ଥିବା ବେଳେ କିପରି ଓ କାହିଁକି ନେଇଯାଉଥିଲ ବୋଲି ପଚାରିବାରୁ ପିଲାଟି କହିବାରୁ ତାକୁ ବୁଲାଇ ନେଇ ଛାଡିବାକୁ ନେଉଥିଲି ବୋଲି କହିଥିଲା। ହେଲେ ଏହା ବିଶ୍ୱାସଯୋଗ୍ୟ ନ ହେବାରୁ ତାକୁ ପୋଲିସ୍ ତନାଘନା କରିବା ସହ ଏଥିରେ ଆଉ କାହାର ସଂପୃକ୍ତି ଅଛି ଜାଣିବାକୁ ଚେଷ୍ଟା ଚଳାଇଛି।

ନୟାଗଡ ଜିଲ୍ଲାରେ ବାରମ୍ବାର ପିଲା ଚୋରି ଘଟଣା ସାମ୍ନାକୁ ଆସୁଥିବା ଘଟଣା ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ପୂର୍ବରୁ ବହୁ ଶିଶୁ ଚୋରି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ଗମ୍ଭୀରତାର ସହ ନେବାକୁ ଦାବି ହୋଇଛି।

# ବଲାଙ୍ଗୀରର ସରକାରୀ କ୍ୱାର୍ଟରରେ ଅଫିସରଙ୍କ ଡେଲି ହନିମୁନ୍

**ବଲାଙ୍ଗିର(ସଂପର୍କବାର୍ତ୍ତା):-** ସରକାରୀ କ୍ୱାର୍ଟରେ ଅଧିକାରୀଙ୍କ ରଙ୍ଗୀନ୍ କାରନାମା ଅସଜ୍ଜିତ ଅବସ୍ଥାରେ ଧରାପଡିଲେ ବାବୁ ସରକାରୀ ଅଧିକାରୀଙ୍କ ପାଇଁ ଅନେକ ନୀତି ନିୟମ ଥିବାବେଳେ ଅନେକ ଏହାକୁ ଫୁ କରି ଉଡାଇ ଦେଉଛନ୍ତି। କିଛି ଅଧିକାରୀଙ୍କ ଏପରି ଉତ୍ପାତ ଯୋଗୁଁ ବଦନାମୀ ବଢି ବଢି ଚାଲିଛି। ଟିଟିଲାଗରେ ଏପରି ଏକ ଭିଡିଓକ ନେଇ ଏବେ ବଲାଙ୍ଗିର ଜିଲ୍ଲାରେ ହୁଇଚଇ ସୃଷ୍ଟି ହୋଇଛି। ଘଟଣାର ବାସ୍ତବତା ନେଇ ଯଦିଓ ସଂପର୍ଣ୍ଣ ତଥ୍ୟ ନାହିଁ, କିନ୍ତୁ ଘଟଣାଟି ଜଳଜଳ ପଡିଯାଉଛି। ଭିଡିଓରେ ଥିବା ସରକାରୀ କର୍ମଚାରୀଙ୍କୁ କିଛି ସ୍ଥାନୀୟ ଲୋକ ରେଡ୍ ହ୍ୟାଣ୍ଡେଡ୍ ଧରିଥିଲେ ଓ ଭିଡିଓ କରିଥିଲେ ଟିଟିଲାଗଡ ବ୍ଲକର ଓଡିଶା ଲାଇଭଲି ହୁଡ ମିସନର ଡି.ପି.ଏମ ରେଗନଓ ଇକ୍କା ଗତ ଗୁରୁବାର ଅପରାହ୍ଣ ତିନିଟାରେ ବ୍ଲକରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ନିଜ କ୍ୱାର୍ଟରକୁ ଡାକି ଅସଜ୍ଜିତ ଅବସ୍ଥାରେ ଥିଲେ ତେବେ ଏହା ପ୍ରଥମ ଥର ନୁହେଁ ବିଭିନ୍ନ ବାହାନା କରି ପୂର୍ବରୁ ମଧ୍ୟ ଯୁବତୀଙ୍କୁ ଏପରି ଡାକୁଥିଲେ ବୋଲି ଅଭିଯୋଗ ହେଉଛି ତେବେ ବାବୁଙ୍କୁ ଧରିବାକୁ ସୁଯୋଗ ଅପେକ୍ଷାରେ ଥିଲେ ସ୍ଥାନୀୟ ଲୋକ ଓ କିଛି ଗଣମାଧ୍ୟମ ପ୍ରତିନିଧି ସୁଯୋଗ ମିଳିବା ପରେ ସରକାରୀ ଅଧିକାରୀଙ୍କ ଘରେ ପଶିଥିଲେ। ଆଉସେତିକି ବେଳେ ସରକାରୀ କର୍ମକାରୀ କର୍ମଚାରୀ ଖାଲି ଦେହରେ ଥିବା ଦେଖିବାକୁ ମିଳିଥିଲେ ସେ ପଟେ ବାହାର ଲୋକଙ୍କୁ ଦେଖି ଘର ଭିତରେ କବାଟ ଦେଇ ଲୁଚି ଯାଇଥିଲେ ମହିଳା କର୍ମଚାରୀ ଲୋକେ କବାଟ ପିଟିବାରୁ ଯୁବତୀ ଜଣକ ବାହାରି, ସେପଟେ ବାହାର ଲୋକଙ୍କୁ ଦେଖି ଘର ଭିତରେ କବାଟ ଦେଇ ଲୁଚି ଯାଇଥିଲେ ମହିଳା କର୍ମଚାରୀ ଲୋକେ କବାଟ ପିଟିବାରୁ ଯୁବତୀ ଜଣକ ବାହାରି , ବାହାରକୁ ପଳାଇ ଯାଇଥିଲେ। କିନ୍ତୁ ସେ କୌଣସି ଅନୈତିକ କାମରେ ଲିପ୍ତ ନଥିଲେ ବୋଲି କହିଥିଲେତେବେ ଏଇଠି ପ୍ରଶ୍ନ ଉଠୁଛି ଯଦି ସେ ସରକାରୀ କାମରେ ଆସିଥିଲେ କବାଟ କିଳି କାହିଁକି ରହିଥିଲେ ଅନ୍ୟପଟେ ବାବୁ ଜଣକ ମହିଳା କର୍ମଚାରୀଙ୍କ ଉପସ୍ଥିତିରେ ଏଭଳି ବେଶରେ କାହିଁକି ଥିଲେ ? ସାଧାରଣ ସୌଜନ୍ୟତା ଦୃଷ୍ଟିରୁ ସାର୍ଟ ଟିଏ ପିନ୍ଧି ପାରି ଥାଆନ୍ତି ? କାହିଁକି ଓ କଣ ପାଇଁ ଭିଡିଓ ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କୁ ବାର ବାର ଗୋଡ ଧରି ଭୁଲ ମାଗୁଥିଲେ ? ସୋସିଆଲ ମିଡିଆରେ ଘଟଣାଟି ଭାଇରାଲ୍ ହେବା ପର ଠାରୁ ଅଧିକାରୀ ଜଣକ ଫେରାର ଅଛନ୍ତି। ସେଥିପାଇଁ ଘଟଣା ସଂପର୍କରେ ତାଙ୍କର ପ୍ରତିକ୍ରିୟା ମିଳିନାହିଁ।




# ବ୍ରହ୍ମପୁରରେ ରାତାରାତି ପୋଖରୀ ଗାଏବ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ୧୧ତାରିଖରେ ପୋଖରୀକୁ ଯାଇ ଗାଧୋଇଥିଲୁ , ଗୁରୁବାର ସକାଳେ ଗାଧୋଇ ଗଲାବେଳେ ପୋଖରୀ ନାହିଁ ରାତି ଅଧିଆ କିଏ ଏହାକୁ ପୋତି ଦେଇଛି। ଏଭଳି ଅଭିଯୋଗ କରିଛନ୍ତି ବ୍ରହ୍ମପୁର ମହାନଗର ନିଗମର ୨୮ନଂ ୱାର୍ଡ ବାସିନ୍ଦା ଖଜୁରିଆ ଓଭରବ୍ରିଜ୍ ଠାରୁ ଅଳ୍ପ ଦୂରରେ ଥିବା ହଳଦିଆପଦର ଜାତୀୟ ରାଜପଥର ବାମପାର୍ଶ୍ୱରେ ଚାଂଚଡା ପଡିଆରେ ଥିବା ଶୁଣ୍ଡି ବନ୍ଧକୁ ରାତି ଅଧିଆ କେହି ଦୁର୍ବୃତ୍ତ ପୋତି ଦେଇଥିବା ନେଇ ଆଜି ଉପଜିଲ୍ଲାପାଳ ଏବଂ ଦକ୍ଷିଣାଂଚଳ ରାଜସ୍ୱ କମିସନରଙ୍କୁ ଉକ୍ତ ଅଂଚଳବାସୀ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଆଖପାଖ ଅଂଚଳର ପ୍ରାୟ ପାଂଚହଜାର ଲୋକ ଏହି ପୋଖରୀ ଉପରେ ନିର୍ଭର କରୁଥିଲେ। ତେଣୁ ଏହାର ପୁନରୁଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ସୂଚନା ମୁତାବକୁ , ୫୦-୫୫ବର୍ଷ ହେବ ଏହି ପୋଖରୀ ଉପରେ ଚାଂଚଡାପଡିଆ ସାହି , ସୋମନାଥ ନଗର, ବିଶ୍ୱନାଥ ନଗର, ଶାନ୍ତିନଗର,ଗୋପୀନାଥନଗର ଅଂଚଳବାସୀ ନିର୍ଭର କରିଆସୁଛନ୍ତି। ସ୍ନାନ ଶୌଚଠାରୁ ଆରମ୍ଭ କରି ଶୁଦ୍ଧି ଓ ଅଶୁଦ୍ଧି କାର୍ଯ୍ୟ ସମ୍ପାଦନରେ ଏହି ପୋଖରୀ ସହାୟକ ହେଉଥିଲା ଗତକାଲି ପର୍ଯ୍ୟନ୍ତ ପୋଖରୀଟି ଯଥାବତ୍ ରହିଥିଲା କିନ୍ତୁ ଆଜି ସକାଳେ ପ୍ରାୟ ଏକ ଏକର ପରିମିତ ଏହି ପୋଖରୀର ୯୫-୯୮ପ୍ରତିଶତ ପୋତି ଦିଆଯାଇଛି। କେବଳ ଗୋଟିଏ ତୁଠ ଏବଂ ଏହା ତଳେ ଛୋଟ ଖାଲଟିଏ ଥିବ ଭଳି ଦେଖାଯାଉଛି ରାତି ଅଧରେ କୌଣସି ଜମି ମାଫିଆଙ୍କ ଦ୍ୱାରା ଏଭଳି କାର୍ଯ୍ୟ କରାଯାଇଥିବା ନେଇ ସ୍ଥାନୀୟ ଅଂଚଳବାସୀ ଆଶଙ୍କା କରୁଛନ୍ତି। ଜଳାଶୟଗୁଡିକର ରକ୍ଷଣାବେକ୍ଷଣ କରିବା ଏବଂ କୌଣସି ଜଳାଶୟକୁ ନପୋତିବା ପାଇଁ ଗ୍ରିନ୍ ଟ୍ରବ୍ୟୁନାଲର ସ୍ୱଷ୍ଟ ନିର୍ଦ୍ଦେଶ ଥିବାବେଳେ ଏଭଳି କାଣ୍ଡ କିଏ କେଉଁ ଉଦ୍ଦେଶ୍ୟରେ ଘଟାଇଛ. ତାହା ତଦନ୍ତ ସାପେକ୍ଷ ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୋଖରୀଟିର ପୁନରୁଦ୍ଧାର କରିବା ପାଇଁ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ।

# ୬ ସନ୍ତାନର ପିତାଙ୍କ ସହ ନବବଧୂ ଫେରାର୍

**ଭବାନୀପାଟଣା(ସଂପର୍କବାର୍ତ୍ତା):-** ଛଅଟି ପିଲାଙ୍କ ବାପା ଜଣେ ନବବଧୂଙ୍କୁ ଧରି ଫେରାର ମାରିଛନ୍ତି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ର ଏଭଳି ଏକ ଘଟଣା ସମଗ୍ର ଅଂଚଳରେ କୌତୁହଳ ସୃଷ୍ଟି କରିଛି। ସୂଚନାମତେ, ବ୍ଲକରେ ବନ୍ଧପଡାରେ ଫୁଲକୁମର ରାଉତ ୪୭ସ୍ତ୍ରୀ ଏବଂ ୬ପିଲାଙ୍କ ରହୁଥିଲେ । ସେ ରାଜ ମିସ୍ତ୍ରୀ କାମକରି ପରିବାର ଚଳାଉଥିଲେ। କିଛି ଦିନ ତଳେ ଫୁଲକୁମର ପରକୀୟା ପ୍ରୀତିରେ ଅନ୍ଧହୋଇ ପରିବାରକୁ ପର କରିଦେଇ ଜଣେ ନବ ବିବାହିତ ଧରି ଫେରାର ହୋଇଯାଇଛନ୍ତି। ପରିବାର ରୋଜଗାରକ୍ଷମ ବ୍ୟକ୍ତି ଫେରାର ହେବା ପରେ ଏବେ ୮ପ୍ରାଣୀର କୁଟୁମ୍ବ ବେସାହାରା ହୋଇପଡିଛି। ଅସହାୟ ସ୍ତ୍ରୀ ଏବେ ନିଜ ୬ସନ୍ତାନ ଏବଂ ଶ୍ୱଶୁରଙ୍କ ଭରଣ ପୋଷଣ କିପରି କରିବେ ସେ ଚିନ୍ତାରେ ପଡିଛନ୍ତି। ସେମାନଙ୍କ ଜମି ବାଡି କିଛି ନାହିଁ।

### ନୂଆଗାଡିକୁ ପୁରୁଣା ଡ୍ରାଇଭର୍ !

କେବଳ ୨୫କେଜି ଚାଉଳ ହିଁ ସେମାନଙ୍କ ଭରସା ମହିଳା ଜଣକ ଛୋଟ ଛୁଆକୁ ଧରି ମଜୁରୀ କରିବାକୁ ମଧ୍ୟ ଅସମର୍ଥ ତାଙ୍କ ପାଇଁ ପରିବାର ବୋଝ ସମ୍ଭାଳିବା କଷ୍ଟକର ହୋଇପଡିଛି ।ଏଭଳି ସ୍ଥିତିରେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ବରଯାତ୍ରୀରେ ନାଚିବାକୁ ମନା କରିବାରୁ ଝିଅର ମାଆକୁ ହତ୍ୟା, ଦୁଇ ଅଭିଯୁକ୍ତ ଫେରାର୍

**ବରଗଡ(ସଂପର୍କବାର୍ତ୍ତା):-** ବରଗଡ ମେଲଛା ମୁଣ୍ଡା ଥାନା ଅନ୍ତର୍ଗତ ସାଲେପାଲି ଗାଁରେ ଅଭାବନୀୟ ଘଟଣା ଘଟିଛି। ଯଦୁମଣି ରାଜହଂସଙ୍କ ସ୍ତ୍ରୀ କିଶୋରୀ ରାଜହଂସଙ୍କୁ ଗାଁର ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୁମନ୍ତ ନାଏକ, ସୁବୋଧ ରାଜହଂସ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗତକାଲି ରାତି ପ୍ରାୟ ୧୨ ଟା ସମୟରେ ଯଦୁମଣୀଙ୍କ ଝିଅ ରଶ୍ମି ରାଜହଂସଙ୍କ ବିବାହ ପାଇଁ ଘେସ ନିକଟସ୍ଥ ବଡମାଲରୁ ପୁଅ ପକ୍ଷ ବରଯାତ୍ରୀ ଆସିଥିଲେ। ବରଯାତ୍ରୀଙ୍କ ସହ ନାଚିବା ପାଇଁ ବାରଣ କରିବାରୁ ବରଯାତ୍ରୀଙ୍କ ସହ ସେହି ଗାଁର ସୁମନ୍ତ ଏବଂ ସୁବୋଧ ଗଣ୍ଡଗୋଳ କରିଥିଲେ। ପରେ ବିବାହ ହେଉଥିବା ଝିଅର ମା କିଶୋରୀ ବାରଣ କରିବାରୁ ଉଭୟେ ନିଜ ଘରକୁ ଦଉଡି ଯାଇ ଧାରୁଆ ଅସ୍ତ୍ର ଆଣି କିଶୋରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ କିଶୋରୀ ଚେତାଶୂନ୍ୟ ହୋଇପଡିଥିଲେ। ପରେ ତାଙ୍କୁ ବରଗଡ ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ମେଲଛା ମୁଣ୍ଡା ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ୍ ତଦନ୍ତ ଜାରି ରଖିଥିବା ବେଳେ ହତ୍ୟାକାରୀ ଉଭୟେ ଫେରାର୍ ଅଛନ୍ତି।




# ବିବାହିତା ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ଖବର ସଂଗ୍ରହ ବେଳେ ସାମ୍ବାଦିକଙ୍କୁ ଆକ୍ରମଣ

**ନୂଆପଡା(ସଂପର୍କବାର୍ତ୍ତା):-** ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା। ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ। ଆତ୍ମହତ୍ୟା କହି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଥାନାରେ ମାମଲା ରୁଜୁ

ଶାଶୁଘର ଲୋକେ ମୃତଦେହକୁ ବ୍ୟବଚ୍ଛେଦ ନ କରି ଘରକୁ ନେଇ ଯାଇଥିଲେ। ଯାହାକୁ ବାପଘର ଲୋକେ ପ୍ରତିବାଦ କରିବା ସହ ପୋଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଖଡିଆଳ ପୋଲିସ୍ ଶବ ଜବତ କରିବା ପରେ ଉଭୟ ଗୋଷ୍ଠୀ ଥାନାକୁ ଯାଇଥିଲେ। ପରେ ଥାନା ଭିତରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାର ଭିଡିଓ ଉତ୍ତୋଳନ କରୁଥିବା ସମୟରେ ଜଣେ ସାମ୍ବାଦିକଙ୍କ ମୋବାଇଲ୍ ଛଡେଇ ନେବା ସହ ତଳେ ପକାଇ ମାଡ ମରାଯାଇଛି। କିଏ ହାତରେ ତା ଆଉ କିଏ ଲାତ ମାରୁଥିବା ଭିଡିଓରେ ସ୍ୱଷ୍ଟ ଜଣାପଡୁଛି।



ଯାହାକୁ ନେଇ ୧୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଥାନାରେ ଅଟକ ରଖା ଯାଇଥିବା ବେଳେ ସିସିଟିଭି ଫୁଟେଜ ସହାୟତାରେ ଚିହ୍ନଟ କରିବା ସହ ଦୋଷିଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଖଡିଆଳ ଏସ୍‌ଡିପିଓ ସନ୍ତକ ଜେନା। କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଏଭଳି ମରଣାନ୍ତକ ଆକ୍ରମଣକୁ ନୂଆପଡା ଜିଲ୍ଲାର ବିଭିନ୍ନ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ଦୋଷି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଖଡିଆଳ ଥାନା ସାମ୍ନାରେ ଏଭଳି ଘଟଣାର ପ୍ରତିବାଦ କରିବେ ବୋଲି ଜଣାପଡିଛି।

# ସ୍ତ୍ରୀ ସ୍ୱାମୀଙ୍କ ଘରକୁ କରିଦିଅନ୍ତି ସ୍ୱର୍ଗ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସବୁ ମଣିଷଙ୍କ ଜୀବନରେ ସ୍ତ୍ରୀର ଭୂମିକା ବହୁତ ମହତ୍ତ୍ୱପୂର୍ଣ୍ଣ ଥାଏ। ଆଜିର ଦିନରେ ଅଧିକାଂଶ ଲୋକ ଏହା ଭାବନ୍ତି କି ସେମାନଙ୍କ ଜୀବନରେ ଆସୁଥିବା ସ୍ତ୍ରୀ ତାଙ୍କ ସ୍ୱାମୀର ଭାଗ୍ୟର ଚାବି ନେଇ ଆସିବ ଆଉ ଏହି କଥା ୧୦୦ପ୍ରତିଶତ ସତ କି,କିଛି ପୁରୁଷଙ୍କ ଭାଗ୍ୟ ସ୍ତ୍ରୀ ଆସିବା ପରେ ହିଁ ଖୋଲିଥାଏ। ପ୍ରାଚୀନ କାଳରେ ଏମିତି କୁହାଯାଉଥିଲା କି ଯେଉଁ ଘରେ ସ୍ତ୍ରୀ ରୁହେ ସେହି ଘର ସ୍ୱାର୍ଗ ଖୁସରେ ରୁହେ ସେହି ଘ୍ ସ୍ୱର୍ଗ ହୋଇଥାଏ। ତେବେ ଆସନ୍ତୁ ଜାଣିବା ଏମିତି କିଛି ମିହିଳାଙ୍କ ବିଷୟରେ ଯେଉଁମାନେ ଘରକୁ ଆସିବା କ୍ଷଣି ହିଁ ଗହ୍ସ୍ୱାମୀ ରାଜା ହୋଇଯାଆନ୍ତି। ଯଦି କୌଣସି ସ୍ତ୍ରୀର ପାଦର ତଳିଭାଗରେ ତ୍ରିକୋଣ ହୋଇଥିବ ତେବେ ସେହିଭଳି ସ୍ତ୍ରୀ ବୁଦ୍ଧିମାନ ହୋଇଥିବା ଏହା ବ୍ୟତୀତ ସର୍ପକାର ପାଦ ଥିବା ସ୍ତ୍ରୀ ସବୁବେଳେ ସୁଖରେ ରହିଥାନ୍ତି ଏବଂ ନିଜ ଘରକୁ ସ୍ୱର୍ଗ କରିଦେଇଥାନ୍ତି। ଯଦି କୌଣସି ସ୍ତ୍ରୀର ନାଭି ପାଖରେ କଳାଜାଇ ଚିହ୍ନ ଥିବ ତାଙ୍କର ଦାମ୍ପତ୍ୟ ଜୀବନ ସୁଖୀ ରହିଥାଏ। ଯେଉଁ ସ୍ତ୍ରୀର ଆଙ୍ଗୁଠି ଲମ୍ବା ହୋଇଥାଏ ସେ ତା ଜୀବନରେ ବିଭିନ୍ନ ପ୍ରକାର ଅଶାନ୍ତିକୁ ସାମ୍ନା କରିଥାଏ। ଯେଉଁ ସ୍ତ୍ରୀର ଆଖି ହରିଣୀ ଆଖି ଭଳି ହୋଇଥାଏ ସେ ବହୁତ ଭାଗ୍ୟଶାଳି ହୋଇଥାଏ। ଯେଉଁ ମହିଳାଙ୍କ ମଥା ବା କପାଳ ମଧ୍ୟରେ କଳାଜାଇ ଚିହ୍ନ ଥାଏ ତାର ବିବାହ ଧନୀ ବ୍ୟକ୍ତି ସହିତ ହୋଇଥାଏ।



# ଝିଅଙ୍କ ହାଟ, କିଣାଯାଏ ପସନ୍ଦର ସ୍ତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଝିଅମାନଙ୍କୁ କ୍ରୟ କରିବା ବା ବିକିବା ସମାଜରେ ଏକ ଘୃଣ୍ୟ କାର୍ଯ୍ୟ ଭାବରେ ବିବେଚନା କରାଯାଏ , କିନ୍ତୁ ଦୁନିଆରେ ଏପରି ଏକ ଦେଶ ଅଛି ଯେଉଁଠାରେ ଝିଅମାନଙ୍କ ବିବାହ ବଜାରରେ ବିକ୍ରି ହେବା ପରେ ହୋଇଥାଏ। ବୁଲଗେରିଆରେ ଏହି ଅଦ୍ଭୁତ ବଜାର ଦେଖିବାକୁ ମିଳେ। ଝିଅର ପିତାମାତା ସେମାନଙ୍କୁ ନେଇ କନ୍ୟା ବଜାରରେ ପହଂଚନ୍ତି। ଏହି ବଜାରରେ କନ୍ୟାର ଅନେକ କ୍ରେତା ରହିଥାନ୍ତି, ଯେଉଁମାନେ ତାଙ୍କ ପାଇଁ ବୋଲି ଲଗାନ୍ତି। ଏହାପରେ ଝିଅର ପିତାମାତାମାନେ ସର୍ବୋଚ୍ଚ ବୋଲି ଲଗାଇଥିବା ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥିର କରନ୍ତି। କନ୍ୟା ବଜାର ପ୍ରତିବର୍ଷ ଚାରିଥର ବୁଲଗେରିଆ ସ୍ଥାରା ଜାଗୋର ନାମକ ଏକ ସ୍ଥାନରେ ବସିଥାଏ। ଏଠାକୁ ଆସୁଥିବା ବର ନିଜ ପସନ୍ଦର କନ୍ୟା କିଣି ତାଙ୍କୁ ନିଜ ପତ୍ନୀ କରି ପାରନ୍ତି। ଏହି ଅନନ୍ୟ ପରମ୍ପରା ବୁଲଗେରିଆର ରୋମା ସମ୍ପ୍ରଦାୟର ବର୍ଷ ବର୍ଷ ଧରି ଚାଲିଆସୁଛି। ଏଠାରେ ଝିଅମାନଙ୍କୁ ୧୪ବର୍ଷ ପରେ ସ୍କୁଲରୁ ବାହାରି କରି ନେଇଯାଆନ୍ତି। ସ୍କୁଲ ଶିକ୍ଷା ପରେ ଆଗକୁ ପଢିବାର ଅଧିକାର ସେମାଁନଙ୍କର ନାହିଁ। କାରଣ କନ୍ୟା ବଜାରରେ କେବଖ ଦୁଇଟି ଯୋଗ୍ୟତା ଆବଶ୍ୟକ- ଝିଅଟି ଘର କାମ ଜାଣିଥିବା ଦରକାର ଏବଂ ସେ କୁମାରୀ ହୋଇଥିବା ଦରକାର। ଏହି କାରଣରୁ କନ୍ୟା ବଜାରକୁ ଆସୁଥିବା ଅଧିକାଂଶ ଝିଅ ନାବାଳିକା ଅଟନ୍ତି। ଏହି ବଜାରରେ ନାବାଳିକା ଝିଅମାନେଙ୍କ ପାଇଁ ବୋଲି ୩୦୦-୪୦୦ଡଲାରରୁ ଆରମ୍ଭ ହୋଇଥାଏ। ବର ବଜାରରେ ପଂଚିବା ପାଇଁ ,ସେମାନେ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରନ୍ତି ଏବଂ ସୁନ୍ଦର ଦେଖାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏଠାରେ ଉପସ୍ଥିତ ପୁଅମାନେ ନିଜ ପସନ୍ଦ ଅନୁଯାୟୀ ଝିଅକୁ ବାଛନ୍ତି ଏବଂ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥାଏ। ବାଜରରେ ଝିଅକୁ ପସନ୍ଦ କରିବା ପରେ ପୁଅ ତାଙ୍କୁ ନିଜ ପତ୍ନୀ ଭାବରେ ଗ୍ରହଣ କରେ ଏବଂ ପିତାମାତାଙ୍କୁ ଏହି ବିବାହରେ ରାଜି ହେବାକୁ ପଡିବ। ଝିଅ - ପୁଅ ମଧ୍ୟରେ ଘର ପରିବାର ଏବଂ ଆୟକୁ ନେଇ ଆଲୋଚନା ହେବା ପରେ ପରିବାର ବିବାହର ପରିମାଣ ସ୍ଥିର କରେ ଏବଂ ସମ୍ପର୍କ ଆଗକୁ ବଢେ।



# ସମୟ ସରିବା ପୂର୍ବରୁ କାହିଁକି ମରିଯାଏ ମଣିଷ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯିଏ ବି ଏ ଦୁନିଆକୁ ଆସିଛନ୍ତି ସେ ନିଶ୍ଚିତ ଭାବେ ମୃତ୍ୟୁକୁ ପ୍ରାପ୍ତି ହେବ ଏଇଟା ସମସ୍ତେ ଜାଣନ୍ତି। କିନ୍ତୁ ଆପଣମାନେ ଏହା ବି ଦେଖିଥିବେ ଯେ କିଛି ଲୋକଙ୍କ ମୃତ୍ୟୁ ଅଚାନକ ହୋଇଯାଇଥାଏ ଏବଂ ଆଉ କିଛି ତ ଜନ୍ମ ହେଉ ହେଉ ହିଁ ମରିଯାଆନ୍ତି। ଆପଣ ଏହା ବି ଦେଖିଥିବେ କିଛି ଲୋକ ଗାଡି କିମ୍ବା ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି। ତେବେ ଏସବୁଥିରେ ସେମାନଙ୍କର କିଛି ଭୁଲ ଥାଏ ନା ଭଗବାନଙ୍କ ଇଚ୍ଛାରେ ଏମିତି ହୁଏ। ଆପଣଙ୍କ ମନକୁ କେବେ ପ୍ରଶ୍ନ ଆସିନି ଯେ ଅକାଳ ମୃତ୍ୟୁ କାହିଁକି ହୁଏ ? ଯଦି ଜାଣିନାହାଁନ୍ତି ତାହେଲେ ଆସନ୍ତୁ ଜାଣିବା ଏହି ପ୍ରଶ୍ନର ଉତ୍ତର। ବେଳେବେଳେ ଆପଣ ଦେଖିଥିବେ ଯେ ପିଲାଟି ଜନ୍ମ ହେବା ସଙ୍ଗେ ସଙ୍ଗେ ହିଁ ମରିଯାଏ, କିମ୍ବା ଦୁଇ ଚାରି ବର୍ଷ ଜୀବିତ ରହିବା ପରେ ମରିଯାନ୍ତି ତ ଏମାନେ କିଏ ଅଟନ୍ତି ? କିଛି ପୌରାଣିକ ଗ୍ରନ୍ଥ ଅନୁସାରେ ଯିଏ ଅଳ୍ପ ସମୟରେ ହିଁ ମୃତ୍ୟୁକୁ ପ୍ରାପ୍ତ ହୁଅନ୍ତି ସେମାନେ ପୁଣ୍ୟ ଆତ୍ମା ଅଟନ୍ତି। ଯିଏ କି ଏହି ଦୁନିଆକୁ ଆସନ୍ତି ଆଉ ନିଜର କାର୍ଯ୍ୟ ସମ୍ପାଦନ କରି ଚାଲିଯାନ୍ତି। କାହାର ମୃତ୍ୟୁ ପାଇଁ ଭଗବାନ କେବେ ମଧ୍ୟ ଦାୟୀ ନୁହଁନ୍ତି। ସମସ୍ତେ ନିଜର କର୍ମ ଅନୁସାରେ ହିଁ ଏହି ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନିଅନ୍ତି ଆଉ ନିଜର କର୍ମ ସରିଗଲା ପରେ ମର୍ତ୍ତ୍ୟ ଲୋକରୁ ଚାଲିଯାଆନ୍ତି। ସେ ତେଣିକି ମୁଁ ହୁଏ କି ଆପଣ ଆମେ କେତେ ବର୍ଷ ବଞ୍ଚିବା ଏହି କଥା କେହିବି ଜାଣିନାହାଁନ୍ତି, କିନ୍ତୁ ମରିବା ପୂର୍ବରୁ ଆମେ ଯେତିକି ବି ପୁଣ୍ୟ କାମ କରିଥିବା ଆଉ ପାପ କାମ କରିଥିବା ସେ ସବୁର ହିସାବ ରହିଥାଏ। ଆଉ ଯେଉଁଦିନ ମଣିଷର ପାପ ପୁଣ୍ୟର ହିସାବ ଶୂନ ହୋଇଯିବ ସେହିଦିନ ହିଁ ମଣିଷର ମୃତ୍ୟୁ ହୋଇଯାଏ।




ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ଯେ ତୁମେ ଯାହା ବି କର୍ମ କର ସେସବୁକୁ ମୋତେ ସମର୍ପଣ କରିଦିଅ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି କଥା ମଧ୍ୟ କହିଛନ୍ତି ଯେ, ହେ ଅର୍ଜୁନ ଏହା କହିଦିଅ ଯେ ମୁଁ କିଛି ବି ନୁହେଁ, ଯାହା ତୁମେ କରୁଛ ତାହା ହିଁ ଘଟୁଛି। ଯଦି ମୋ ଆଖିର ପଲକ ପଡୁଛି ତାହେଲେ ସେଇଟା ତୁମ ଇଚ୍ଛାରେ ହେଉଛି ଏବଂ ଯଦି ମୋ ମନରେ ବାଣୀ ଚାଲୁଛି ତାହେଲେ କେବଳ ତୁମରି ଇଚ୍ଛାରେ, ଏଠାରେ ଯାହା ବି କିଛି ହେଉଛି ସବୁକିଛି ଆପଣଙ୍କ ଇଚ୍ଛାରେ ହେଉଛି। ଏଥିପାଇଁ ସବୁ ମଣିଷଙ୍କୁ ନିଜର ସୁଖ ଦୁଃଖକୁ ଭଗବାନଙ୍କ ପାଖରେ ସମର୍ପିତ କରିଦେବା ଉଚିତ ଏବଂ ଭଗବାନଙ୍କୁ କେବେ ବି ଦୋଷ ଦେବା ଉଚିତ ନୁହେଁ। କିଛି ଲୋକ କୁହନ୍ତି ଯେ ତା'ର ଆକ୍ସିଡେଣ୍ଟରେ ମୃତ୍ୟୁ ହେଲା, ତ ଏହା ଭଗବାନଙ୍କର ଇଚ୍ଛାରେ ହୋଇଛି। କିନ୍ତୁ ଏପରି ହୋଇନଥାଏ, ସମସ୍ତେ ନିର୍ଦ୍ଦିଷ୍ଟ ବୟସ ନେଇ ଜନ୍ମ ହୁଅନ୍ତି। କେବେ ବି ଭଗବାନ କାହାର ମୃତ୍ୟୁ ପାଇଁ ଦାୟୀ ନୁହଁନ୍ତି। ନା ହିଁ କୌଣସି ମଣିଷର ଭୁଲ ଯୋଗୁଁ ସେ ମୃତ୍ୟୁବରଣ କରିଥାଏ। ଯାହାର ଯେତିକି ବୟସ ସେ ସେତିକି ଆୟୁଷରେ ହିଁ ଦୁନିଆ ଛାଡି ଚାଲିଯାଏ। ଏଥିପାଇଁ କେହି ବି ଦାୟୀ ନୁହଁନ୍ତି, କାହିଁକି ନା ମଣିଷର ଜନ୍ମ ସମୟରୁ ହିଂ ତା'ର ମୃତ୍ୟୁର ସମୟ ଲେଖା ହୋଇଯାଇଥାଏ।

# ହିତକର ପୋଇ ଶାଗ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଆର ଘରେ ଘରେ ପରିଚିତ ପୋଇ ଶାଗ ଶରୀର ପାଇଁ ଖୁବ ହିତକର। ଏହାର ବହୁ ପ୍ରକାରର ଔଷଧୀୟ ଗୁଣ ମଧ୍ୟ ରହିଛି। ଏହା ପ୍ରୋଟିନ, ଫାଇବର, ପୋଟାସିୟମ ଏବଂ କ୍ୟାଲସିୟମ ଇତ୍ୟାଦିର ଏକ ଉ୍ତମ ସ୍ରୋତ ଅଟେ । ଅଟେ ଆସନ୍ତୁ ଜାଣିବା ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ ।

୧. ହଜମ କ୍ରିୟା ସକ୍ରିୟ କରାଏ- ଏଥିରେ ଥିବା ଫାଇବର ପେଟଜନିତ ସମସ୍ୟାରୁ ମୁକ୍ତି ପ୍ରଦାନ କରିଥାଏ ଏବଂ ହଜମ କ୍ରିୟାକୁ ସକ୍ରିୟ କରିଥାଏ।



୨. କ୍ୟାନସରରୁ ରକ୍ଷା କରିଥାଏ- ପୋଇ ଶାଗ ଆଣ୍ଟି -ଅକ୍ସିଡାଣ୍ଟର ଏକ ଉତ୍ତମ ସ୍ରୋତ ଅଟେ। ଏହା ଶରୀରରେ କ୍ୟାନସର ସୃଷ୍ଟି କରୁଥିବା କୋଷକୁ ନିୟନ୍ତ୍ରଣ କରିଥାଏ । ଏବଂ ଏଥିରେ ଥିବା ଭିଟାମିନ ଏ ଓରାଲ ଆକ୍ଟିଭିଟିକୁ ସଠିକ ରଖିବା ସହିତ ଫୁସଫୁସ ଜନିତ କ୍ୟାନସରରୁ ସୁରକ୍ଷା ପ୍ରଦାନ କରିଥାଏ ।

୩. ଓଜନ ହ୍ରାସରେ ସହାୟକ ହୋଇଥାଏ-ପୋଇ ଶାଗରେ ଖୁବ କମ ମତ୍ରାରେ କ୍ୟାଲେରୀ ରହିଥାଏ । ତେଣୁ ଆପଣ ଗୋଟିଏ ପ୍ଲେଟ ଭରି ପୋଇ ଶାଖ ଖାଇଲେ ମଧ ଏହା ଶରୀରରେ କ୍ୟାଲେରୀରେ କୌଣସି ହ୍ରାସରେ ସହାୟକ ହୋଇଥାଏ।

୪. ରକ୍ତ ଚାପ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ – ପୋଇ ଶାଗରେ ପୋଟାସିୟମର ମାତ୍ରା ଅଧିକ ଥିବାରୁ ଶରୀରରେ ଏହା ରକ୍ତ ଚାପର ମାତ୍ରାର ନିୟନ୍ତ୍ରଣ କରିଥାଏ ।

୫. ହାଡ ଶକ୍ତ କରିଥାଏ –ପୋଇ ଶାଗ କ୍ୟାଲିସିୟମ ଏବଂ ମ୍ୟାଗ୍ନେସିୟମର ଉ୍ତମ ସ୍ରୋତ ଅଟେ । ତେଣୁ ଏହାର ସେବନ ଦ୍ୱାରା ହାଡ ମଜବୁତ ହୋଇଥାଏ ।

୬. କୋଷ୍ଟ୍ରେଲର ମାତ୍ର କମ କରିଥାଏ - ଫାଇବର ଯୁକ୍ତ ପୋଇ ଶାଗ ଶରୀରରେ ବ୍ୟାଡ୍ କୋଷ୍ଟ୍ରେଲର ମାତ୍ରା କମ କରି ଟ୍ରାଇଗ୍ଲିସେରାଇଡର ମାତ୍ରା କମ କରିଥାଏ । ଏବଂ ଏହା ମଧ୍ୟ ହୃଦ ରୋଗର ସମସ୍ୟାକୁ କମ କରିଥାଏ।

୭. ଏନିମିଆର ରିକ୍ସ କମ କରିଥାଏ- ଏହି ଶାଗ ଶରିରରେ ଆରବିସିର ମାତ୍ରା ଅଧିକ କରିଥାଏ । ଏଥିରେ ଅନ୍ୟ ଶାଗ ପରି ଆଇରନର ମାତ୍ରା ଖୁବ ମାତ୍ରା ଖୁବ ଅଧିକ ରହିଛି ତେଣୁ ଏହି ଶାଗର ସେବନ ଦ୍ୱାରା ଶରୀରରେ ରକ୍ତ ଅଭାବ ହୋଇନଥାଏ।

୮. ରକ୍ତ ଶର୍କରାରେ ନିୟନ୍ତ୍ରଣ- ଏଥିରେ ଥିବା ଫାଇବର ରକ୍ତରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ। ଡାଇବେଟିସ ରୋଗୀମାନେ ଏହି ଶାଗକୁ ଖାଇପାରିବେ । ଏହାକୁ ଜୁସ କରି ପାଇବା ଦ୍ୱାରା ମଧ ସିଫଳ ମିଳିଥାଏ।

# ଅଧିକ ଲେମ୍ବୁ ସେବନ ହାନିକାରକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଲେମ୍ବୁରେ ଭିଟାମିନ ସି ପ୍ରଚୁର ପରିମାଣରେ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ବେଶ ସହାୟକ ଲେମ୍ବୁ ଶରୀରରୁ ଅଦରକାରୀ ଜିନିଷ ବାହାର କରିବାରେ ସାହାଯ୍ୟ କରିଥାଏ ମାତ୍ର ଲେମ୍ବୁର ଅଧିକ ସେବନ ଶରୀର ପାଇଁ ଲାଭବଦଳରେ କ୍ଷତିକାରକ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଅଧିକ ଲେମ୍ବୁ ସେବନ କରିବା ଦ୍ୱାରା ଆପଣଙ୍କୁ ବ୍ୟତିବ୍ୟସ୍ତ ଭଳି ଅନୁଭବ ହୋଇଥାଏ। ଅତ୍ୟଧିକ ପରିମାଣରେ ଲେମ୍ବୁ ସେବନ କଲେ ପେଟ ଦରଜ ସହ ଶରୀରରେ ଜଳୀୟ ଅଂଶ କମିପାରେ । ସକାଳେ ଖାଲି ପେଟରେ



ପିଅନ୍ତୁ ପାଣି। ରାଶିଫଳ ଶୁକ୍ରବାର ; ଆଜି ଆପଣ ଦିନ . ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିର . ୫ଜଣ ଅନାଥ ଶିଶୁଙ୍କୁ ଥଇଥାନ କଲା ହୃଦୟ ଜନିତ ସମସ୍ୟା ଥିଲେ ଅତ୍ୟଧିକ ଲେମ୍ବୁ ସେବନ କରନ୍ତୁ ନାହିଁ। ଅନେକ ସମୟରେ ପେଟ ବିନ୍ଧିବା ଭଳି ଅନୁଭବ ହୋଇଥାଏ। ଯେଉଁ ବ୍ୟକ୍ତିମାନଙ୍କର ଗ୍ୟାଷ୍ଟ୍ରିକ ହେଉଥିବ, ସେମାନେ ଲେମ୍ବୁ ଖାଇବା ଅନୁଚିତ । କାରଣ ଲେମ୍ବୁ ଖାଇବା ଦ୍ୱାରା ଶରୀରରେ ଏସିଡର ମାତ୍ରା ବଢିଯାଏ। ବେଳେବେଳେ ଫାଷ୍ଟଫୁଡ ଖାଇ ସାରିବା ପରେ ହଜମ ପାଇଁ ଲେମ୍ବୁ ଖାଇବାକୁ ପଡିଥାଏ । କାରଣ ଲେମ୍ବୁରେ ଥିବା ଏସିଡ ହଜମ କରିବାରେ ସାହାଯ୍ୟ କରିଥାଏ। ବେଳେବେଳେ ପେଟ ଖରାପର ମୁଖ୍ୟ କାରଣ ମଧ ଲେମ୍ବୁ ହୋଇଥାଏ । ତେଣୁ ଖାଇବା ପରେ ଲେମ୍ବୁ ନ ଖାଇ ଖାଦ୍ୟ ସହ ମିଶାଇ ଖାଆନ୍ତୁ।

# ବନାନ୍ତୁ ଟେଷ୍ଟି ନଡିଆ ଲଡୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେବେ କେବେ କିଛି ମିଠା ଖାଇବାକୁ ବହୁତ ମନ ହୋଇଥାଏ ଏମିତିରେ ତ ସମ୍ଭବ ନୁହେଁ ଯେ ସବୁବେଳେ ଘରେ ମିଠା ରଖିବା ତେଣୁ ଆଜି ଆମେ ଆପଣଙ୍କ ପାଇଁ ଆଣିଛୁ ନଡିଆ ଲଡୁ ରେସିପି ଯାହା ଆପଣଙ୍କୁ ଦେବ ଏକ ନୂଆ ସ୍ୱାଦ ତେବେ ଆସନ୍ତୁ ଜାଣିବା କେମିତି ପ୍ରସ୍ତୁତ ନଡିଆ ଲଡୁ ନଡିଆ ଲଡୁ ବନାଇବା ପାଇଁ ଆବଶ୍ୟକ ସାମଗ୍ରୀ-

୧. ଦେଢ କପ୍ କୋରା ନଡିଆ
୨. ଚାମଚ ଘିଅ
୩. ୧କପ୍ କ୍ଷୀର ମିଠାସ୍ୱାଦ ପାଇଁ ଗୁଡ
୪. ଅଳ୍ପ ଅଳେଇଚ ପାଉଡର

**ପ୍ରସ୍ତୁତି ପ୍ରଣାଳୀ-**



ସର୍ବପ୍ରଥମେ ଏକ ପ୍ୟାନରେ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହେବା ପରେ କୋରା ନଡିଆ ପକାଇ ଧୀମା ଆଂଚରେ ଭାଜି ଦିଅନ୍ତୁ ଏହାପରେ କ୍ଷୀର ପକାଇ କିଛି ସମୟ ଚାଲନ୍ତୁ ଏହାପରେ ଗୁଡ ପକାଇ ମିଶାନ୍ତୁ ଯେତେବେଳେ ଗୁଡ ନଡିଆରେ ଭଲଭାବେ ମକ୍ସଳର ହୋଇଯିବ, ସେତେବେଳେ ଏଥିରେ ଅଳେଇଚ ପକାଇ ମିଶାଇ ଦିଅନ୍ତୁ ଏବଂ ଗ୍ୟାସ ବନ୍ଦ କରିଦିଅନ୍ତୁ ଏବେ ଏହାକୁ ହାଲକା ଥଣ୍ଡା ପାଇଁ ଦିଅନ୍ତୁ ଏହାପରେ ହାଲକା ହାତରେ ଏଥିରୁ କିଛି କିଛି ନେଇ ଲଡୁ ବନାଇ ଦିଅନ୍ତୁ ଏବେ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କର ନଡିଆ ଲଡୁ ଏପରି କରନ୍ତୁ ଷ୍ଟୋର ନଡିଆ ଲଡୁକୁ ସବୁବେଳେ ଏୟାର ଟାଇଟ କଣ୍ଟେନରରେ ରଖିବା ଉଚିତ।

ନଡିଆ ଲୁଡରେ ପାଣିର ଏକ ବୁନ୍ଦା ମଧ ପଡିବା ଅନୁଚିତ ଏମିତି ହେଲେ ଲଡୁ ଜଲଦି ଖରାପ ହୋଇଯିବ। ଗରମ ବାତାବରଣରେ ଲୁଡ ରଖନ୍ତୁନାହିଁ। ଚେଷ୍ଟା କରନ୍ତୁ ଗୋଟେ ସପ୍ତାହ ଭିତରେ ଏହାକୁ ଖାଇ ସାରିଦେବାକୁ ।

# ଅନ୍ଧାରରେ ବଦଳିଗଲା କନିଆଁ

**ଉଜ୍ଜୟିନୀ(ସଂପର୍କବାର୍ତ୍ତା):-** ବେଦୀ ସଜ୍ଜା ହୋଇଥିଲା ପୁରହିତ ମନ୍ତ୍ର ପାଠ କରୁଥିଲା ଶଙ୍ଖ ହୁଳିହୁଳି ପଡୁଥିଲା ବାହାଘର। ଦୁହିଙ୍କ ଲାଗି ବର ବି ଆସିଥିଲେ। କିନ୍ତୁ ବେଦିରେ ସବୁ କିଛି ଭୁଲଭାଲ ହୋଇଗଲା ଅଦବଦଳ ହୋଇଗଲା ବରଣମାଳା ଆଉ ଦୁଇ ଭଉଣୀଙ୍କର ସ୍ୱାମୀ ବି ବଦଳିଗଲା ବାହାଘର ଚାଲୁଥିବା ବେଳେ ହଠାତ ୍ ବିଦ୍ୟତ୍ କାଟ ହୋବାରୁ ଏଭଳି ପରିସ୍ଥିତି ଉପୁଜିଛି। ଅନ୍ଧାରରେ ସବୁ କିଛି ଓଲଟିଯାଇଥିଲା ଏମିତି ଏକ ରୋଚକ ଘଟଣା ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ରମେଶ ଲାଲଙ୍କ ଦୁଇ ଝିଅ ନିକିତା ଏବଂ କରିଶ୍ମାଙ୍କ ବାହାଘର ଥିଲା ନିତକିତାଙ୍କର ଭୋଲା ନାମକ ଯୁବକଙ୍କ ସଙ୍ଗେ ହାତଗଣ୍ଠି ବିବାହ ସ୍ଥିର ହୋଇଥିଲା ଉଭୟ ବର ଭିନ୍ନ ଭିନ୍ନ ପରିବାରରୁ ଆସିଥିଲେ । ଉଭୟେ ଭଉଣୀ ସମାନ ପ୍ରକା ର ବିବାହ ଡ୍ରେସ ପିନ୍ଧିଥିବା ବେଳେ ପ୍ରଥା ଅନୁଯାୟୀ ମୁହଁ ଓଢିଣି ଭିତରେ ଲୁଚି ଯାଇଥିଲା ଠିକ୍ ଏହି ସମୟରେ ହଠାତ୍ ବିଜୁଳି କଟିଯିବାରୁ ଚେହେରା ଚିହ୍ନିବା ଅସହଜ ହୋଇଥିଲା ଫଳରେ ବରଣମାଳା ଅଦବଦଳ ଥିଲା ଅନ୍ଧାର ଭିତରେ ପୂଜାପାଠ ସାରି ବର –ବରଣୀଙ୍କୁ ବେଦି ଚାରି ପଟେ ବୁଲାଇ ଥିଲେ ପୁରହିତ । ବାହାଘର ପରେ କନିଅ ।-ବର ଶୃଶୁରଘରକୁ ଯାଇଥିଲେ ସେଠାରେ ପ୍ରକୃତ କଥା ଜରାପଡିଥିଲା ଏହାକୁ ନେଇ ଜଣେ ବରପକ୍ଷ ଅସନ୍ତୋଷ ପ୍ରକାଶ କରିବାରରୁ ବିବାଦ ଉପୁଜିଥିଲ। ଏନେଇ ଦୁଇ ପରିବାର ମଧ୍ୟରେ ଆଲୋଚନା ହୋଇ ପୁଣି ଥରେ ବାହାଘର ହେବା ବୋଏ ନିଷ୍ପତ୍ତି ବଦଳିଯାଇଥିଲା



# ତୃଣମୂଳସ୍ତରରେ ବନ ସୁରକ୍ଷା ସମିତି ଏବଂ ଗରିବଲୋକଙ୍କୁ ଅଧିକ ସଂପୃକ୍ତ କରାଯିବ:ମନ୍ତ୍ରୀ ଆରୁଖ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜଙ୍ଗଲ ସଂପଦର ସଂରକ୍ଷଣ ଓ ଅଭିବୃଦ୍ଧି ସମେତ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ବନଖଣ୍ଡ ଅଧିକାରୀମାନେ ପ୍ରାଥମିକତା ଦେବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରାମର୍ଶ ଦେଇଛନ୍ତି। ତୃଣମୂଳସ୍ତରରେ ବନସୁରକ୍ଷା ସମିତି ଏବଂ ଗରିବ ଲୋକମାନଙ୍କୁ ଅଧିକ ସଂଖ୍ୟାରେ ସଂପୃକ୍ତ କରାଗଲେ ଆମ ଜଙ୍ଗଲ ସଂପଦର ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଗତ ୧୩ ତାରିଖ ଦିନ ଉଦ୍‌ଯାପିତ ରାଜ୍ୟସ୍ତରୀୟ ବନଖଣ୍ଡ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ ଉପରୋକ୍ତ ମର୍ମରେ ସମ୍ମିଳନୀରୁ ଉପଲବ୍ଧ ଜ୍ଞାନକୁ ବନଖଣ୍ଡ ଅଧିକାରୀମାନେ ଯଥାର୍ଥ ଭାବେ ବିନିଯୋଗ କରିବାକୁ ମତ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀ ସମ୍ମିଳନୀ ଗତ ୧୩ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲର ପୋଷଣୀୟ ପରିଚାଳନା, ବ୍ୟାପକ ବନୀକରଣ, 'କାମ୍ପା' ପାଣ୍ଠିର ସମୁଚିତ ଉପଯୋଗ, ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ଜଙ୍ଗଲ ଜମିର କିସମ ପରିବର୍ତ୍ତନ ବନ୍ୟଜନ୍ତୁ ସୁରକ୍ଷା ସହିତ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସମ୍ବନ୍ଧୀୟ ପ୍ରସଙ୍ଗଗୁଡିକ ଉପରେ ବହୁବିଧ ପ୍ରସ୍ତାବ ଏବଂ ମତାମତସମ୍ୱଳିତ ଆଲୋଚନା କରାଯାଇଛି।



# ଭୁବନେଶ୍ୱର ୟୁନିଟ୍-୩, ଗାଁ ରାସ୍ତା ଠୁଁ ହୀନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜଧାନୀର ଅନ୍ୟତମ ଭିଆଇପି ଅଂଚଳ ୟୁନିକ୍ -୩ଅଂଚଳର ବହୁ ରାସ୍ତା ଅବସ୍ଥା ଏବେ ଶୋଚନୀୟ ଅବସ୍ଥାରେ। କେତେକ ପ୍ରମୁଖ ରାସ୍ତାକୁ ବାଦ୍ ଦେଲେ ଅନ୍ୟ ସବୁ ଦେଲେ ଅନ୍ୟ ସବୁ ରାସ୍ତାରେ ଖାଲଖମା ଯେତିକି ରାସ୍ତା ଉପରେ ଜମା ହୋଇ ରହୁଥିବା ଅଳିଆ ଆବର୍ଜନା ସେତିକି । ବହୁ ରାସ୍ତାରେ ଷ୍ଟ୍ରିଟ ୍ଲାଇଟ୍ ଜଳୁନଥିବାରୁ ରାତିରେ ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଏବେ ଏହି ଅଂଚଳର ବହୁରାସ୍ତା ଖୋଳା ହୋଇପଡିଛି। ବିଭିନ୍ନ ପାଇପ ବିଛାଇବା କାମ ସରିବା ପରେ ଖୋଳାଯାଇଥିବା ରାସ୍ତାକ ଭଲ ଭାବେ ମରାମତି କରାଯାଉନାହିଁ। ଫଳରେ ଅନେକ ରାସ୍ତାରେ ପିଚୁ ଉଠି ଯାଇଥିବାରୁ ବଡବଡ ଖାଲ ସୃଷ୍ଟି ହୋଇଛି। ରାତିରେଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାରୁ ଅନ୍ଧାର ରାସ୍ତାରେ ଯାତାୟାତ କଲା ବେଳେ ଲୋକମାନେ ଖାଲଖମାରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ସେହି ପରି ଏହି ଅଂଚଳର ଅନେକ ରାସ୍ତାରେ ଅଳିଆ ଆବର୍ଜନା ବହୁ ଦିନ ଧରି ପଡିରହୁଛି ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ୟୁନିଟ୍ -୩ଖାରବେଳନଗର, କେଶରୀ ହୋଟେଲ୍ ପଛ ରାସ୍ତା , ନଳିନୀ ଦେବୀ ରାସ୍ତାର ଅବସ୍ଥା ଏବେ ଏମିତି ଶୋଚନୀୟ ଅବସ୍ଥାରେ ଏନେଇ ସ୍ଥାନୀୟ ବାସିନ୍ଦା କୈଳାସ କୁମାର ପରିଡାଙ୍କ କହିବା କଥା ଏହି ସମସ୍ୟା ନେଇ ସ୍ଥାନୀୟ ବିଏମ୍ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ବି କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ।



# ହସ୍ପିଟାଲ ଚାମ୍ବରରେ ଡାକ୍ତରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଏକ ଘରୋଇ ହସ୍ପିଟାଲ ଡାକ୍ତରଙ୍କ ଆତ୍ମହତ୍ୟା। ହସ୍ପିଟାଲ ଚାମ୍ବର ଭିତରେ ଆତ୍ମହତ୍ୟା କରିଛନ୍ତି ଡାକ୍ତର। କିନ୍ତୁ କାହିଁକି ଓ କେଉଁ କାରଣ ପାଇଁ ଡାକ୍ତର ଆତ୍ମହତ୍ୟା କରିଛନ୍ତି ତାହାର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ମୁତାବକ ଡାକ୍ତର ଜଣକ ହେଉଛନ୍ତି ଶିଶିର ସାହୁ। ଘଟଣାଟି ଭରତପୁର ଥାନା ଅଞ୍ଚଳରେ ଘଟିଥିବାବେଳେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଡାକ୍ତର ଜଣଙ୍କ ମେଡିସିନ କିମ୍ବା ନିଜ ଦେହରେ ବିଷ ଇଂଜେକସନ ଦେଇଥିବା ସନ୍ଦେହ କରାଯାଉଛି।




# ନାବାଳକଙ୍କୁ ରାତିସାରା ଅଟକ ରଖି ନାମ ପାଇଲେ ପୋଲିସ୍

**ରାଉରକେଲା(ସଂପର୍କବାର୍ତ୍ତା):-** ବେନିୟମଭାବେ ନାବାଳକଙ୍କୁ ରାତିସାରା ଥାନାରେ ଅଟକ ରଖିବାସେକ୍ଟର -୭ଥାନା ପୁଲିସକୁ ମହଙ୍ଗା ପଡିଛି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କ୍ଷମତାର ଦୁର୍ବ୍ୟବହାର କରିଥିବାରୁ ସେକ୍ଟର -୭ଥାନାର ତଦନ୍ତକାରୀ ଅଧିକାରୀ ତଥା ସବଇନ୍ସପେକ୍ଟର ଆର୍ତ୍ତିତ୍ରାଣ ସେଠୀଙ୍କୁ ନିଲମ୍ବିତ କରାଯାଇଛି । ଏହାସହ ଥାନାଧିକାରୀ ସତୀଶ ନାୟକଙ୍କୁ ବଦଳି କରାଯାଇଛି ଶ୍ରୀ ନାୟକଙ୍କ ରାଉରକେଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ଏହି ମାମଲାକୁ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ସହ ବିଚାରକୁ ନେଇ ଥିଲେ। ଶେଷରେ କୌଣସି ପ୍ରକାର ପାତରଅନ୍ତର ନକରି ଉପଯୁକ୍ତ କାର୍ଯ୍ୟନୁଷ୍ଠାନ ନେଇଥିବାରୁ ପଶ୍ଚିମାଂଚଳ ଡିଆଇଜି ଜୟନାରାୟଣ ପଙ୍କଜ, ଏସ୍ପି ମୁକେଶ ଭାମୁଙ୍କୁ ଚାରିଆଡୁ ପ୍ରଶଂସା କରାଯାଇଛି। ଉଲ୍ଲେଖଯୋଗ୍ୟ, ସେକ୍ଟର-୫ଭଞ୍ଜ ମଣ୍ଡପରେ ହ୍ୟାଣ୍ଡଲୁମ ଏକ୍ସପୋ ମେଳା ଚାଲିଥିଲା ସେକ୍ଟର-୭ ପୁଲିସ ଥାନାର ଅନୁମତି କ୍ରମେ ଏଠାକାର ପାର୍କିଂର ଠିକା ନେଇଥିଲେ ବିନୟ ରାମ ନାମକ ଜଣେ ବ୍ୟକ୍ତି । ପାର୍କିଂ ସ୍ଥଳର ଗାଡି ସୁରକ୍ଷା ପାଇଁ ବନୟ କିଛି ନାବାଳକଙ୍କୁ ନିୟେଜିତ କରିଥିଲେ ଗତ ଏପ୍ରଲି ୮ତାରିଖ ଦିନ ସନ୍ଧ୍ୟା ସମୟରେ ଘଟଣା ଜିଲ୍ଲା ପୁଲିସର ଜଣେ ମହିଳା ଅଧିକାରୀ ସାଦା ପୋଷାକରେ ସେଠାରେ ପହଂଚିଥିଲେ। ତେବେ ସେଠାରେ ନିୟୋଜିତ ଛାତ୍ର ପାର୍କିଂ ଫି ବାବଦକୁ ୧୦ଟଙ୍କା ମାଗିବାକୁ ମହିଳା ପୁଲିସ ଅଧିକାରୀ ଉତ୍କ୍ଷିପ୍ତ ହୋଇଉଠିଥିଲେ। ପରେ ନିଜକୁ ପୁଲିସ ପରିଚୟ ଦେବାରୁ ଛାତ୍ର ଜଣକ ତାଙ୍କୁ ବିନା ଫିରେ ଯିବାକୁ ନିବେଦନ କରିଥିଲେ । ତଥାପି ମହିଳା ପୁଲିସ ଅଧିକାରୀଙ୍କ ରାଗ ଶାନ୍ତ ହୋଇନଥିଲା ସେ ସହରର ଅନ୍ୟ ଏକ ଥାନାରେ ଅଧିକାରୀ ଥିବା ତାଙ୍କ ସ୍ୱାମୀଙ୍କୁ ଫୋନ୍ କରି କହିଥିଲେ । ଏହାପରେ ମାମଲା ବ୍ୟାପକ ହୋଇଥିଲା କିଛି ସମୟରେ ସେକ୍ଟର -୭ପୁଲିସ ଘଟଣାସ୍ଥଳରେ ପହଂଚି ୩ନାବାଳକଙ୍କ ସମେତ ୫ଜଣକୁ ଥାନାକୁ ନେଇଯାଇଥିଲା ସମସ୍ତ୫ଜଣଙ୍କୁ ରାତିସାରା ମାମଲା ବ୍ୟାପକ ଅଟକ ରଖାଯାଇଥିଲା ଥାନାରେ ଅଟକ ରଖାଯାଇଥିବା ୫ଜଣଙ୍କ ମଧ୍ୟରୁ ୩ଜଣ ନାବାଳକ ଆଜାଦ ବସ୍ତିର ବାସିନ୍ଦା ଆଉ ଜଣେ ଯୁବକଙ୍କ ବୟସ ମାତ୍ର ୧୮ବର୍ଷ ୭ଦିନ ହେଉଥିଲା ଏତଦ୍‌ବ୍ୟତୀତ ପାର୍କିଂ ସ୍ଥଳ ଠିକାରେ ନେଇଥିବା ବିନୟ ରାମ ମଧ୍ୟ



ଅଟକ ରହିଥିଲେ। ଏମାନଙ୍କୁ ୩ଜଣ ନାବାଳକ ଆଜାଦ ବସ୍ତିର ବାସିନ୍ଦା ଆଉ ଜଣେ ଯୁବକଙ୍କ ବୟସ ମାତ୍ର ୧୮ବର୍ଷ ୭ଦିନ ହେଉଥିଲା ଏତଦ୍‌ବ୍ୟତୀ ପାର୍କିଂ ସ୍ଥଳ ଠିକାରେ ନେଇଥିବା ବିନୟ ରାମ ମଧ୍ୟ ଅଟକ ରଖିବାରୁ ପରିବାରବର୍ଗ ବିରୋଧ କରିବାସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମାମଲା ଉଗ୍ର ହେଉଥିବା ଜାଣି ତା ପରିଦିନ ପୁଲିସ ଅଭିଯୁକ୍ତମାନଙ୍କୁ ଛାଡିଦେଇଥିଲା ବେନିୟମଭାବେ ଅଟକ ରଖିବାରୁ ପରିବାରବର୍ଗ ବିରୋଧ କରିବାସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମାମଲା ଉଗ୍ର ହେଉଥିବା ଜାଣି ତା ପରିଦିନ ପୁଲିସ ନାଁରେ ସଙ୍ଗୀନ ଦଫା ଛାଡିଦେଇଥିଲା ତେବେ ରାତିସାରା ଥାନାରେ ଅଟକ ରହିବାରୁ ଜଣେ ଯୁକ୍ତ ଦସବ ବାଣିଜ୍ୟ ଛାତ୍ର ପରଦିନ ପରୀକ୍ଷା ଦେବାରୁ ବଂଚିତ ହୋଇଥିଲେ। ମାମଲା ଜିଲ୍ଲାରେ ସମଗ୍ର ରାଜ୍ୟରେ ଚାଂଚଲ୍ୟ ଖେଳାଇ ଦେଇଥିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ରାମଚନ୍ଦ୍ର ବେହେରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତକରି ଏସ୍ପିଙ୍କୁ ରିପୋର୍ଟ ଦାଖଲ କରିଥିଲେ। ଏହାସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ।

# ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ସବୁ ହିତାଧିକାରୀଙ୍କୁ ଗ୍ରୀଷ୍ମକାଳୀନ ସହାୟତା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ମଧୁବାବୁ ପେନ୍ସନ୍ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ଅନ୍ୟାନ୍ୟ ବର୍ଗରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ସ୍ୱରୂପ ଅତିରିକ୍ତ ୧୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଭତ୍ତା ହିତାଧିକାରୀମାନେ ଏହି ସହାୟତା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପାଇବାକୁ ଥିବାବେଳେ ମଧୁବାବୁ ପେନ୍ସନ୍ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ବାବଦରେ ଅତିରିକ୍ତ ୧୦୦ ଟଙ୍କା ଚଳିତ ମାସ ୧୫ ତାରିଖ ଦିନ ସେମାନଙ୍କ ନିୟମିତ ଭତ୍ତା ସହିତ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ପ୍ରକାଶ କରିଛନ୍ତି ।

# ବଟ ଶ୍ରୀକ୍ଷେତ୍ରର "ସୁଦର୍ଶନ ସଂଧ୍ୟା"

## ମହାପ୍ରଭୁ ଶ୍ରୀଜଗନ୍ନାଥ ଅପରିସୀମ : ଡ. ପୀତବାସ ରାଉତରାୟ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବଟଶ୍ରୀକ୍ଷେତ୍ରର ପଂଚଦଶ ବାର୍ଷିକ ଉତ୍ସବର ଦ୍ୱିତୀୟ ସଂଧ୍ୟା ଯାହା "ସୁଦର୍ଶନ ସଂଧ୍ୟା" ନାମରେ ନାମିତ ତାହା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିପିଏଲ୍‌ର ପ୍ରାକ୍ତନ୍ ମୁଖ୍ୟ ପରିଚାଳକ ତଥା ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସଂପାଦକ ଡ. ପୀତବାସ ରାଉତରାୟ କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଲେ ଅପରିସୀମ ତାଙ୍କ ଲୀଳା ଓ ମହିମା ବିଶ୍ୱବ୍ୟାପୀ। ସେଇ ଅନନ୍ତ ଲୀଳା ଭିତରେ ମହାପ୍ରଭୁଙ୍କର ମାନବୀୟ ଲୀଳା ଆମକୁ ଉଦ୍‌ବୁଧ କରାଏ ଓ ଏକ ସୁସ୍ଥ ଜୀବନ ଯାପନ କରିବାକୁ ପ୍ରେରଣା ଦିଏ। ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏସ. ସି. ବି.ମେଡିକାଲ କଲେଜର ନ୍ୟିରୋସର୍ଜରୀର ପ୍ରାଧ୍ୟାପକ ଡ. ରବିନାରାୟଣ ପଣ୍ଡା ମହାପ୍ରଭୁଙ୍କ ବିଚିତ୍ର ଲୀଳାରେ ତାଙ୍କର ଅନୁଭୂତିକୁ ବୟାନ କରିଥିଲେ। ବିଶିଷ୍ଟ ସଂଳାପକାର ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀଯୁକ୍ତ ଶରଣାରବିନ୍ଦ ଓଝା ସାରା ଓଡିଶାରେ ଥିବା ବିଭିନ୍ନ ମନ୍ଦିରମାନଙ୍କରେ ପ୍ରଭୁଙ୍କର ଅଲୌକିକ ଲୀଳା, ଐତିହ ଓ ପରମ୍ପରା କଥା ବର୍ଣ୍ଣନା



କରିଥିଲେ।

ସଭାରେ ସଭାପତିତ୍ୱ କରିଥିଲେ ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଭାପତି ପଣ୍ଡିତ୍ ରବୀନ୍ଦ୍ର ନାଥ ମିଶ୍ର ଏବଂ ସ୍ୱାଗତ ଭାଷଣ ଦେଇଥିଲେ ଟ୍ରଷ୍ଟର ଅଧକ୍ଷ ଡ. ଅଭୟ କୁମାର ନାୟକ । ନିମାଲ୍ୟର ମୁଖ୍ୟ ସଂପାଦକ ରବୀନ୍ଦ୍ର ନାଥ ନାୟକ ଅତିଥି ପରିଚୟ କରିଥିଲାବେଳେ ନବକାକଳିର ସଂପାଦକ ଡ. ସୁରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଗଡକୁଜଙ୍ଗ ସ୍ଥିତ କୁଞ୍ଜବିହାରୀ ମନ୍ଦିରର ଅନନ୍ୟ ସେବକ ରାଜେନ୍ଦ୍ର ବେହେରାଙ୍କୁ "ଶ୍ରୀ ସୁଦର୍ଶନ ସମ୍ମାନ-୨୦୨୨" ପ୍ରଦାନ କରାଯାଇଥିଲା। ଏହି ଅବସରରେ ବଟଶ୍ରୀକ୍ଷେତ୍ରର ଇଲେକ୍ଟ୍ରୋନିକ୍ ନାମଫଳକକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ର, ଜଗତ୍‌ସିଂହପୁରର କଳାକାରଙ୍କର ମନଲୋଭା ନୃତ୍ୟ ଓ ସଂଗୀତ କରିବେଶଣ କରି ପରିବେଶକୁ ଆଧାମି୍କମୟ କରିଦେଇଥିଲେ।

# ନିର୍ମାଲ୍ୟ ସଂଧ୍ୟା

## ଆଧ୍ୟାତ୍ମିକତା ହିଁ ସୁସ୍ଥ ସମାଜ ଗଠନର ଭିତିଭୂମି- ସ୍ୱାମୀ ଶ୍ରଦ୍ଧାନନ୍ଦ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ବଟଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବର ପ୍ରଥମ ସଂଧ୍ୟା ଯାହା "ନିର୍ମାଲ୍ୟ ସଂଧ୍ୟା" ନାମରେ ନାମିତ ତାହା ସାଧୁସନ୍ଥମାନଙ୍କର କର କମଳରେ ଉଦଘାଟିତ ହୋଇ ଯାଇଛି । ଉତ୍ସବକୁ ଉଦ୍‌ଘାଟନ କରିଥିଲେ କଟକ ସ୍ଥିତ କଳ୍ପତରୁ ଆଶ୍ରମର ପୀଠାଧିଶ ଶ୍ରୀଳ ବିପିନ ବିହାରୀ ଦାସ ବାବାଜୀ ମହାରାଜ। ମୁଖ୍ୟବକ୍ତା ଭାବରେ ଯୋଗଦେଇ ରେଢୁଆ ସ୍ଥିତ କ୍ରିୟାଯୋଗ ଆଶ୍ରମର ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି କହିଲେ ଯେ ଆଧ୍ୟାତ୍ମିକତା ହିଁ ସୁସ୍ଥ ସମାଜ ଗଠନର ଭିତିଭୂମି ଅଟେ। ଏହି ସ୍ରୋତରେ ସାମିଲ୍ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଏହି ଉଦଘାଟନୀ ସଂଧ୍ୟାରେ ଉପସ୍ଥିତ ଥିଲେ ବାବା ତ୍ରିଲୋଚନ ଦାସ, ପ୍ରଫେସର ଭବାନୀ ପ୍ରସାଦ ଦାସ ଏବଂ ବାବା ଜୟ ନିତାଇ। ଏହି ପୂଣ୍ୟତିଥି ଅବସରରେ ମହାପ୍ରଭୁଙ୍କ ପାଇଁ ଖନନ ହୋଇଥିବା "ସୁନାକୂଅ"କୁ ସାଧୁସନ୍ଥମାନେ ଉଦ୍‌ଘାଟନ



କରିଥିଲେ।

ଉଦଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ନିମାଲ୍ୟର ମୁଖ୍ୟ ସଂପାଦକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ନାୟକ। ସ୍ୱାଗତ ଭାଷଣ ଦେଇ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ କହିଲେ ଯେ ସ୍ଥାନୀୟ ଜନସାଧାରଣଙ୍କ ଅକ୍ଳାନ୍ତ ଉଦ୍ୟମ ଫଳରେ ବଟଶ୍ରୀକ୍ଷେତ୍ର ଆଜି ଏକ ଭବ୍ୟ ପୀଠରେ ପରିଣତ ହୋଇଛି, ଆଉ ଆଧ୍ୟାତ୍ମିକ ଚେତନା ବାଂଟିବାରେ ଲାଗିଛି। ଏହି ସଂଧ୍ୟାରେ ପୂଣ୍ୟାତ୍ମା ସୁଶ୍ରୀ ଶିବାନୀ ଭଟାଚାର୍ଯ୍ୟଙ୍କୁ "ପୂର୍ଣ୍ଣିମା ସମ୍ମାନ-୨୦୨୨" ଏବଂ ଆଧ୍ୟାତ୍ମିକ ରଚୟିତା ଶ୍ରୀଯୁକ୍ତ ପ୍ରମୋଦ ସ୍ୱାମୀଙ୍କୁ "ନିର୍ମାଲ୍ୟ ସମ୍ମାନ-୨୦୨୨" ପ୍ରଦାନ କରା ଯାଇଥିଲା। ଶେଷରେ ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୋପାଳ ଲଉଡୀ ନୃତ୍ୟ ପରିବେଶଣ କରାଯାଇଥିଲା।

# ବଳଭଦ୍ର ସନ୍ଧ୍ୟା

## ମହାପ୍ରଭୁଙ୍କ ସେବା ସଙ୍ଗେ ମାନବ ସେବାକୁ ପ୍ରାଧାନ୍ୟ ଦିଆଯାଉ : ପ୍ର.ବିନାୟକ ରଥ

**ଜଗତ୍‌ସିଂହପୁର(ସଂପର୍କବାର୍ତ୍ତା):-** ବଟଶ୍ରୀକ୍ଷେତ୍ରର ପଞ୍ଚଦଶ ବାର୍ଷିକ ଉତ୍ସବର 'ବଳଭଦ୍ର ସନ୍ଧ୍ୟା' ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ସଙ୍ଗେ ସଙ୍ଗେ ମାନବ ସେବାକୁ ପ୍ରାଧାନ୍ୟ ଦିଆଗଲେ ସମାଜର ବହୁବିଧ ଉନ୍ନତି ସାଧିତ ହୋଇପାରିବ। ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଜାତୀୟ ଧାନ ଗବେଷଣା କେନ୍ଦ୍ର କଟକର ପ୍ରାକ୍ତନ ବୈଜ୍ଞାନିକ ପ୍ରଫେସର ସୁଦର୍ଶନ ସାସ୍ମଲ କହିଲେ ଏକ ଶୁଦ୍ଧ ଜୀବନ ପାଇଁ ଆଧ୍ୟାତ୍ମିକ ଚିନ୍ତନ ଅତ୍ୟନ୍ତ ଫଳପ୍ରଦ। ତେଣୁ ସମସ୍ତେ ମହାପ୍ରଭୁଙ୍କ ଶ୍ରୀଚରଣରେ ଶରଣ ଯିବା କଥା। ସଭାର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରାର୍ଥନା ଚ୍ୟାନେଲର ପ୍ରବଚକ ଶ୍ରୀଯୁକ୍ତ ପଦ୍ମନାଭ ତ୍ରିପାଠୀ, ତାଙ୍କ ଅଭିଭାଷଣରେ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା କଥାକୁ ବର୍ଣ୍ଣନା କରିବା ଛଳରେ ପଠାଣି ସାମନ୍ତଙ୍କ ମହାପ୍ରଭୁଙ୍କ ପ୍ରତି ଥିବା ଆତ୍ମନିବେଦନର କଥା ଉପସ୍ଥାପିତ



କରିଥିଲେ।

ଏହି ସଭାରେ ସଭାପତିତ୍ୱ କରିଥିଲେ ବଟଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ଅଧକ୍ଷ ଡ.ଅଭୟ କୁମାର ନାୟକ। ଏହି ଉତ୍ସବରେ 'ଶ୍ରୀବଳଭଦ୍ର ସମ୍ମାନ-୨୦୨୨'ରେ ସମ୍ବର୍ଦ୍ଧିତ ପ୍ରତିଭା ଇଂ.ଗଣେଶ ଚନ୍ଦ୍ର ପଣ୍ଡା, ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ଦାସିଆ ବାଉରୀ ଏବଂ ଦୀନକୃଷ୍ଣ ଦାସଙ୍କ ପୀଠ କେମିତି ଶ୍ରୀମନ୍ଦିର ସେବାରେ ଲାଗିଛି ତାହା ବର୍ଣ୍ଣନା କରିଥିଲେ। ଏହି ଆଧ୍ୟାତ୍ମିକ ପରିବେଶରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ ସଭାର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେଇଥିଲେ ନିର୍ମାଲ୍ୟର ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ପରିଚାଳନା କମିଟିର ସଭାପତି ପଣ୍ଡିତ ରବୀନ୍ଦ ନାଥ ମିଶ୍ର। ଶେଷରେ କଟକସ୍ଥିତ ପରଂବ୍ରହ୍ମ ନୃତ୍ୟ ଓ ସଂଗୀତ ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଯାଜପୁରରେ ଫଳଦୋକାନୀ ଗିରଫ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଯାଜପୁର ଥାନା ଅନ୍ତର୍ଗତ ଖଣ୍ଡରା ଛକରେ ଗ୍ରାହକଙ୍କୁ ଆକ୍ରମଣରେ ଘଟଣାରେ ଫଳଦୋକାନୀ ପ୍ରଶାନ୍ତ କୁମାର ସାହୁ (୩୦)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା ତେବେ ଜାମିନ୍ ଆବେଦନ ଖାରଜ ହେବାରୁ ତାଙ୍କ ଯାଜପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି ଗତ ୭ତାରିଖ ଦିନ ଫଳ ଦୋକାନୀଙ୍କ ଆକ୍ରମଣରେ ଯାଜପୁର ପୌରାଂଚଳ ଅନ୍ତର୍ଗତ ବୈଦ୍ୟରାଜପୁର କେବୁଲ ଫଳ ଦୋକାନୀ ଏକ କାତିରେ ଆକ୍ରମଣ କରିବା ସହ ତାଙ୍କ ପିଠିକୁ ହାଣି ପକାଇଥିଲେ। ଏନେଇ ସଞ୍ଜିତ୍‌ଙ୍କ ସ୍ତ୍ରୀ ବାଣିଗ୍ରୀ ପ୍ରିୟଦର୍ଶିନୀ ବେହେରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୩୨।୨୨ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।

# ପ୍ରତ୍ୟକ୍ଷ ବିକ୍ରୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ- ମନ୍ତ୍ରୀ ରଣେନ୍ଦ୍ର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଉପଭୋକ୍ତାଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ସିଧାସଳଖ ବିକ୍ରୟ ବ୍ୟବସାୟରେ ଉପଭୋକ୍ତାଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯିବା




ଉଚିତ। ପ୍ରତ୍ୟକ୍ଷ ବିକ୍ରେତାଙ୍କ ଉତ୍ପାଦର ଯାଞ୍ଚ ପାଇଁ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଗତ ୧୪ ତାରିଖ ଦିନ ଭୁବନେଶ୍ୱରରେ ଆୟୋଜିତ ଇଣ୍ଡିଆନ୍ ଡାଇରେକ୍ଟ ସେଲିଂ ଆସୋସିଏସନ୍ ଦ୍ୱାରା ଆୟୋଜିତ ଓଡ଼ିଶା ପ୍ରତ୍ୟକ୍ଷ ବିକ୍ରୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସିଧାସଳଖ ବିକ୍ରୟ ସଂସ୍ଥା ତଥା ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରତ୍ୟକ୍ଷ ବିକ୍ରେତାଙ୍କ ସମ୍ପର୍କରେ ସେମାନଙ୍କର ଠିକଣା, କର୍ମଚାରୀ ଏବଂ ଉତ୍ପାଦ ବିଷୟରେ ସବିଶେଷ ତଥ୍ୟ ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଯଦ୍ୱାରା ଅସାଧୁ ଓ ପ୍ରକୃତ ବିକ୍ରେତାଙ୍ଗଯକ ମଧ୍ୟରେ ପ୍ରାର୍ଥକ୍ୟ କରିବାକୁ ଉପଭୋକ୍ତା ସକ୍ଷମ ହେବେ। ପ୍ରତ୍ୟକ୍ଷ ବିକ୍ରୟକାରୀ ସଂସ୍ଥା ତଥା ପ୍ରତ୍ୟକ୍ଷ ବିକ୍ରେତାଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ଗ୍ରାହକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ନିକଟରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ପ୍ରତ୍ୟୀ ବିକ୍ରୟ ନିୟମ ଅନୁଯାୟୀ ରାଜ୍ୟରେ ଏହାର ପ୍ରୟୋଗାତ୍ମକ ପଦ୍ଧତି ପ୍ରଣୟନ ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮

| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-49 May 16 to 22, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୪୯ ମଇ ୧୬ ରୁ ୨୨, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ରାଉରକେଲା ଏନ୍ଆଇଟିରେ ଯୌନଶୋଷଣ !

**ରାଉରକେଲା(ସଂପର୍କବାର୍ତ୍ତା):-** ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକାଧିକ ଜାତୀୟ ଓ ଆନ୍ତର୍ଜାତୀୟ ଉପଲବ୍ଧି ହାସଲ କରିଥିବା ରାଉରକେଲାସ୍ଥ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍ଆଇଟି) ଏବେ ସଙ୍ଗୀନ ଅପବାଦରେ ଛନ୍ଦି ହୋଇଛି। ଛାତ୍ରୀଙ୍କୁ ଯୌନଶୋଷଣ ଓ ଅସଦାଚରଣ ପାଇଁ ଏବେ ବଦନାମ ମୁଣ୍ଡେଇଛି ଏହି ଅନୁଷ୍ଠାନ। ପ୍ରାୟ ମାସକ

## ମାସକ ଭିତରେ ୨ ଛାତ୍ରୀ ଅସଦାଚରଣ ଶିକାର

ପୂର୍ବେ ଜଣେ ପିଏଚ୍‌ଡି ଛାତ୍ରୀ ଯୌନଶୋଷଣର ଶିକାର ହୋଇଥିବା ବେଳେ କିଛି ଦିନ ପୂର୍ବେ ଆଉଜଣେ ସ୍ନାତକୋତ୍ତର ଛାତ୍ରୀ ସମାନ ଅଭିଯୋଗ ଆଣିଛନ୍ତି।

ଉଭୟ ମାମଲାରେ ପ୍ରଫେସର ହିଁ ଅସଦାଚରଣ ଉଦ୍ୟମ କରିଛନ୍ତି। ନିୟମିତ ବ୍ୟବଧାନରେ ଏଭଳି ସମ୍ବେଦନଶୀଳ ଘଟଣା ଘଟିଥିବାବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ନା ନାହିଁ



ତାହା ବି ଅସ୍ପଷ୍ଟ। କାରଣ ତଦନ୍ତ ରିପୋର୍ଟକୁ ପ୍ରକାଶ କରାଯାଉନି। ସମ୍ଭବତଃ ଏନ୍ଆଇଟି କର୍ତ୍ତୃପକ୍ଷ ମାମଲା ଚାପି ଦେବା ଉଦ୍ଦେଶ୍ୟରେ ଏଭଳି ପ୍ରୟାସ କରୁଥିବା ମତ ଆସୁଛି। ଗତ ଏପ୍ରିଲ୍ ଶେଷ ସପ୍ତାହର ଘଟଣା।

ଅଭିଯୋଗ ଅନୁସାରେ ଜଣେ ସ୍ନାତକୋତ୍ତର ଛାତ୍ରୀଙ୍କୁ ଜଣେ ଆସୋସିଏଟ୍ ଡିନ୍ ପାହ୍ୟାର ଜଣେ ପ୍ରଫେସର ଶିକ୍ଷା ସଂପର୍କିତ କାମ ବାହାନାରେ ନିଜ ଘରକୁ ପହଞ୍ଚିବାପରେ ସେ ଅସଦାଚରଣ ଉଦ୍ୟମ କରିଥିଲେ। କୌଶଳକ୍ରମେ ଛାତ୍ରୀ ଜଣକ ସେଠାରୁ ସୁରକ୍ଷିତ ଫେରିଆସି ଏ ନେଇ ଏନ୍ଆଇଟି ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଅନୁଷ୍ଠାନର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)କୁ ମାମଲା ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତ ପ୍ରଫେସକୁ ବାଧ୍ୟତାମୂଳକ ଛୁଟି




ଦିଆଯାଇଛି। ଏହାସହ କ୍ୟାମ୍ପସ୍ ଭିତରକୁ ନ ଆସିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯିବା ସହ ସ୍ଥାନ ଛାଡି ଅନ୍ୟତ୍ର ନ ଯିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହା ପୂର୍ବରୁ ପ୍ରାୟ ୭ ମାସ ପୂର୍ବେ ଜଣେ ପିଏଚ୍‌ଡି ଛାତ୍ରୀ ନିଜ ପ୍ରଫେସରଙ୍କ ଏଭଳି ଅଶୋଭନୀୟ ବ୍ୟବହାରର ସମ୍ମୁଖୀନ ହୋଇଥିଲେ। ପ୍ରୋଜେକ୍ଟ କାମ ବାହାନାରେ ସଂପୃକ୍ତ ପ୍ରଫେସର ଛାତ୍ରୀଙ୍କୁ ଝାରସୁଗୁଡାକୁ ନେଇଯାଇଥିଲେ। ସେଠାରେ ପ୍ରୋଜେକ୍ଟ କାମ ବଦଳରେ ଏକ ହୋଟେଲ୍‌କୁ ନେଇ କୁଆଡେ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀଜଣକ ଗତ ଏପ୍ରିଲ୍ ପହିଲାରେ କର୍ତ୍ତୃପକ୍ଷଙ୍କ ନକଟରେ ଅଭିଯୋଗ କରିଥିବାବେଳେ ମାମଲା ତଦନ୍ତାଧିନ ରହିଛି। କିନ୍ତୁ ତଦନ୍ତର ରିପୋର୍ଟ ପ୍ରକାଶ କରାଯାଇନାହିଁ କି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଗୋଟିଏ ମାସ ଭିତରେ ଏହି ଦୁଇଟି ଯୌନଶୋଷଣ ବା ଶୋଷଣ ଉଦ୍ୟମ ଘଟଣା ଏନ୍ଆଇଟିରେ ଯୌନଶୋଷଣ ପ୍ରସଙ୍ଗର କଳୁଷିତ ଇତିହାସକୁ ପୁଣିଥରେ ଉଜାଗର କରିଛି। ୨୦୧୬ ଏପ୍ରିଲ୍ ମାସରେ ସଂଘଟିତ ଏନ୍ଆଇଟି ସୁରକ୍ଷା ଅଧିକାରୀଙ୍କ ଯୌନ ନିର୍ଯାତନା ଘଟଣା ଦେଶବ୍ୟାପୀ ଚର୍ଚ୍ଚାର ଶିରୋନାମା ପାଲଟିଥିଲା। ତତ୍କାଳୀନ ସୁରକ୍ଷା ଅଧିକାରୀ ଅନୁଷ୍ଠାନର ସୁରକ୍ଷା ଦାୟିତ୍ୱରେ ଥିବା ମହିଳା ସୁରକ୍ଷା କର୍ମଚାରୀଙ୍କୁ ଦିନ ଦ୍ୱିପ୍ରହରରେ କାର୍ଯ୍ୟାଳୟ ଭିତରେ ତଥା ଅନ୍ୟ ମହିଳା ସୁରକ୍ଷା କର୍ମୀଙ୍କ ସମ୍ମୁଖରେ ଯୌନଶୋଷଣ କରୁଥିବା ଏକାଧିକ ଭିଡିଓ ଭାଇରାଲ୍ ହୋଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀ ତୀବ୍ର ପ୍ରତିବାଦ କରିବା ସହ ବିକ୍ଷୋଭ କରିବାରୁ ପ୍ରାୟ ମାସକପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଉକ୍ତବର୍ଷ, ଅର୍ଥାତ୍ ୨୦୧୬ ଅକ୍ଟୋବର ମାସରେ ଜଣେ ବିଟେକ୍ ଛାତ୍ରୀ ସୁରକ୍ଷା ବିଭାଗର ଜଣେ କିରାଣୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ। ଉକ୍ତ କିରାଣୀ ସଂପୃକ୍ତ ଛାତ୍ରୀଙ୍କୁ ଅନୈତିକଭାବେ ସ୍ପର୍ଶ କରିବାର ପ୍ରୟାସ କରିଥିଲେ। ସେହିଭଳି ୨୦୧୩ ଜୁଲାଇ ମାସରେ ଜଣେ ଏମ୍‌ଟେକ୍ ଛାତ୍ରୀ ନିଜ ପ୍ରୋଜେକ୍ଟ ଗାଇଡ୍‌ଙ୍କ ବିରୋଧରେ ଏଭଳି ଯୌନଶୋଷଣ ବା ଉଦ୍ୟମ ବା ଅସଦାଚରଣ କରୁଥିବା ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଏବେ ମଧ୍ୟ ନିଆଯାଉନାହିଁ। ଏମିତିକି ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତଦନ୍ତ କେବଳ ଲୋକଙ୍କୁ ଭ୍ରମିତ କରିବା ଲାଗି କରାଯାଉଥିବାର ମଧ୍ୟ ଅଭିଯୋଗ ହେଉଛି।

# ପାରାଦ୍ୱୀପରେ କି ରସ ? ଲାଳ ଗଡାଉଛନ୍ତି ଋଷି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କଟକି ନେତାଙ୍କ ପାରାଦ୍ୱୀପ ଏମ୍ଏଲ୍ଏ ହେବାକୁ ମନ। ପାରାଦ୍ୱୀପ ଲଡ୍ଡୁ ପାଇଁ ବାଡିଆ ପିଟା। କଣ ଚାଲିଛି ବିଜେଡି ଭିତରେ ? ସେପଟେ ଦୁଇ ଜଣଙ୍କ କଳିରେ ମଜା ନେବାକୁ ଚାହିଁ ବସିଛନ୍ତି ବାପି ସାର୍ଖେଲ୍ ! ପ୍ରଥମେ ଦାମଙ୍କ ସହିତ ଲାଗୁଥିଲେ ଏବେ ପୁଅ ସମ୍ବିତଙ୍କ ସହ ଲାଗିବା ଆରମ୍ଭ କରିଛନ୍ତି। ଆମେ କହୁଛୁ କଟକ-ବାରବାଟୀ ଆସନରୁ ହାରି ଯାଇଥିବା ଦେବାଶିଷ ସାମନ୍ତରାୟ ଏବଂ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତରାୟଙ୍କ ପରିବାର କଥା। ଦେବାଶିଷ ଆମେ ଦାମଙ୍କୁ ପ୍ରତ୍ୟକ କଥାରେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ସମାଲୋଚନା କରୁଥିଲେ। ଦାମ ଏବେ ଆଉ ସକ୍ରିୟ ରାଜନୀତି ନାହାଁନ୍ତି। ତାଙ୍କ ପୁଅ ପାରାଦ୍ୱୀପ ଆସନରୁ ବିଜେଡି ବିଧାୟକ ଅଛନ୍ତି। ତେବେ ବାପାଙ୍କ ପରେ ପରେ ପୁଅ ବିଧାୟକ ହେବା ପରେ ଉତ୍ତରାଧିକାରୀ ସୂତ୍ରରେ ବିବାଦକୁ ମଧ୍ୟ ଟାଣି ଆଣିଥିବା ଏବେ ଚର୍ଚ୍ଚା ହେଉଛି।




ଗତ ଶ୍ରମିକ ଦିବସରେ ପରାଦ୍ୱୀପଠାରେ ଏକ କାର୍ଯ୍ୟକ୍ରମରେ ଋଷି ସର୍ବସାଧାରଣରେ ସମ୍ବିତଙ୍କୁ ସମାଲୋଚନା କରି କହିଥିଲେ ପାରାଦ୍ୱୀପ ବିଧାୟକ ଲୋକ ଚିହ୍ନିନାହାଁନ୍ତି। ଖାଲି ଏତିକି ନୁହେଁ ସୁଯୋଗ ମିଳିଲେ ସେ ପାରାଦ୍ୱୀପରୁ ବିଧାୟକ ହେବା ପାଇଁ ମଧ୍ୟ ମନ କରୁଛନ୍ତି। ଲୋକଙ୍କ ଭାଗ୍ୟ ନୁହେଁ ବରଂ ତାଙ୍କ ଭାଗ୍ୟ ସହ ଲୋକଙ୍କ ଭବିଷ୍ୟତ ଯୋଡି ହୋଇ ରହିଛି ବୋଲି ଖୋଲା ଖୋଲି ମତ ଓ ମନ୍ତବ୍ୟ ଦେଇଥିଲେ। ଏହାକୁ କଟାକ୍ଷ କରି ସମ୍ବିତ କହିଥିଲେ ସ୍ୱପ୍ନ ଦେଖିବା ପାଇଁ କାହାକୁ ମନା ନାହିଁ କିନ୍ତୁ ଦିବା ସ୍ୱପ୍ନ ଭାରି ଭୟଙ୍କର।

ବ୍ରଜରାଜନଗର ଉପନିର୍ବାଚନକୁ ନେଇ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ମଧ୍ୟରେ ବି ବିବାଦ ଦାଣ୍ଡରେ ପଡି ହାଟରେ ଗଡୁଛି। ଠିକ ସେତିକିବେଳେ କଟକ ଜିଲ୍ଲାର ଦୁଇ ବିଜେଡି ନେତାଙ୍କ ପରସ୍ପର ବିରୋଧୀ ଏବଂ ଟୀକା ଟିପଣୀ ଏବେ ଲୋକମାନଙ୍କୁ ତାଯୁବ କରିଛି। ଏହାରି ମଧ୍ୟରେ କଂଗ୍ରେସ ନେତା ତଥା ପାରାଦ୍ୱୀପର ଜଣାଶୁଣା ଶ୍ରମିକ ସଂଗଠନ ବାପି ସାର୍ଖେଲ ସୁଯୋଗକୁ ଅପେକ୍ଷା କରିଥିବା ଆଲୋଚନା ହେଉଛି। ମଉକା ମିଳିଲେ ସେ ବି ବିଜେଡି ରାଜନୀତିରେ ଏଣ୍ଟ୍ରି କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ପାରାଦ୍ୱୀପ ରାଜନୀତିରେ ଲଡୁ ନା ମହୁ କ'ଣ ରହିଛି ବୋଲି ଲୋକେ ଏବେ କୁହାକୁହି ହେଉଛନ୍ତି।

# କଟକରେ ଶୋଭାଯାତ୍ରା ସମୟରେ ରାସ୍ତା ଜାମ୍

**କଟକ(ତପନ ମହାନ୍ତି):-** କରୋନା କଟକଣା ହଟିଯିବା ପରେ ଲଗାମ୍ ଛଡା ହୋଇଛି ବିବାହ ଶୋଭାଯାତ୍ରା। ଯିଏ ଯେପରି ଚାହୁଁଛି, ସେପରି ଢଙ୍ଗରେ ରାସ୍ତାରେ ନେଉଛି ବିବାହ ଶୋଭାଯାତ୍ରା। ଏହା ସହିତ ଶବ୍ଦ ପ୍ରଦ୍ୟୁଷଣ ସାଙ୍ଗକୁ ରାସ୍ତା ଏକବାର ଜାମ୍। ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ମୁଖ୍ୟାସ୍ତାରେ ଟ୍ରାଫିକ୍ ସମସ୍ୟା ଜଯିଳ ହୋଇପଡୁଛି। ବେଲଗାମ ହୋଇ ଶୋଭାଯାତ୍ରା ରାସ୍ତାରେ ଯାଉଥିଲେ ମଧ ଛିଡା ହୋଇଥିଲା ପୁଲିସ କର୍ମଚାରୀ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ପୁଲିସର ରହସ୍ୟଜନକ ନୀରବତା ଯୋଗୁଁ ର୍ତମାନ ସହରରେ ବିବାହ ଶୋଭାଯାତ୍ରା ସମସ୍ତ ସୀମାକୁ ଟିପିଯାଇଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳଥିଲା ଶୁକ୍ରବାର ନୂଆବଜାର ଅଂଚଳରେ। ବିବାହ ଶୋଭାଯାତ୍ରା ଯୋଗୁଁ କେବଳ ନୂଆବଜାର ନୁହେଁ, କଟକ-ପାରାଦ୍ୱୀପ ରାସ୍ତାରେ ଯାନବାହାନଗୁଡିକର




ଲମ୍ୱାଧାଡି ଲାଗିଯାଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଓ ଟ୍ରଫିକ୍ ପୁଲିସ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ନାକେଦମ ହେବାକୁ ପଡିଥିଲା। ଏହି ରାସ୍ତାରେ ହଜାର ହଜାର ଦୁଇଚକିଆ ଯାନଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯାନବାହାନ ଘଣ୍ଟା ଘଣ୍ଟା ଧରି ଅଟକି ରହିବାକୁ ପଡିଥିଲା। ବେପରୁଆ ଶୋଭାଯାତ୍ରାକୁ ନେଇ କିଛିବର୍ଷ ପୂର୍ବେ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହିତ ସୁପ୍ରିମକୋର୍ଟଙ୍କ ଆଦେଶକୁ ଭିତ୍ତିକରି କଠୋର କଟକଣା ଜାରି କରିଥିଲେ। ବିନା ସାଉଣ୍ଡ ଲିମିଟର ଯନ୍ତ୍ରରେ କୌଣସି ବ୍ୟାଣ୍ଡପାର୍ଟି ବାଜିପାରିବ ନାହିଁ ଏବଂ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ମାଇକ ବାଜି ପାରିବ ନାହିଁ। ଏହାଛଡା ଯେଉଁ ବ୍ୟାର୍ଡପାର୍ଟି ସାଉଣ୍ଡ ଲିମିଟର ଯନ୍ତ୍ର ଥିବା ସେମାନେ ଉକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କେବଳ ୬୫ ଡେସିବେଲର ଶବ୍ଦ ପରିବେଷଣ କରିପାରିବେ ବୋଲି ହାଇକୋର୍ଟ କଡା ଆଦେଶ ଦେଇଥିଲେ। ପୁଲିସ ଏ ଦିଗରେ କୋହଳ ମନୋଭାବ ଗ୍ରହଣ କରୁଥିବାରୁ ଶୋଭାଯାତ୍ରାରେ ବ୍ୟାଣ୍ଡପାର୍ଟି ପଛେ ନଥାଉ ଡିଜେ ଓ ଦୁଲଦୁଲ୍ ଶବ୍ଦରେ ପ୍ରାୟ ଅଂଚଳ ଥରୁଛି। ଓଏମପି ଛକଠାରୁ ନୂଆବଜାର ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ରହିଥିବା ଅଧିକାଂଶ ମଣ୍ଡପର ପାର୍କିଂ ବ୍ୟବସ୍ଥା ନଥିବାରୁ ମଣ୍ଡପକୁ ଆସୁଥିବା ଲୋକେ ରାସ୍ତା ଉପରେ ଶହଶହ ସଂଖ୍ୟାରେ କାର୍ ଓ ବାଇକ୍ ରଖୁଥିବାରୁ ଟ୍ରାଫିକ୍ ସମସ୍ୟାର ଅନ୍ୟତମ କାରଣ ହେଉଛି। ଏହି ରାସ୍ତାରେ ବିବାହ ଶୋଭାଯାତ୍ରା ଯେପରି ଢଙ୍ଗରେ ଚାଲିଥିଲା ସେ ନେଇ ସ୍ଥାନୀୟ ପୁଲିସର କାର୍ଯ୍ୟାନୁଷ୍ଠାନ ପ୍ରତି ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ମେୟର ସୁବାସଙ୍କ ତାଗିଦ୍

**କଟକ(ସଂପର୍କବାର୍ତ୍ତା):-** କୌଣସି ସ୍ଥାନରେ ଖାଲଖମା ରହିବନି। ଏଥିପାଇଁ ଜାତୀୟ ରାଜପଥ ପର୍ତ୍ତୁପକ୍ଷ, ପୂର୍ତ୍ତ ବିଭାଗ, ଜଳ ସେଚନ ବିଭାଗ ଓ ସି.ଏମ୍.ସି.କୁ ଚିଠି କରାଯିବ। ଏଥିରେ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ତେ ରିପୋର୍ଟ ପ୍ରସ୍ତୁତ କରିବା ସହିତ ଆକ୍ସନ ପ୍ଲାନ୍ ଜଣାଇବେ। ଏହିଭଳି ଏକ ପ୍ରସ୍ତାବ ଆଗତ କରିଛନ୍ତି ମେୟର ସୁବାସ ସିଂ। ସେହିଭଳି ଜଳବନ୍ଦୀ ସମସ୍ୟାକୁ ଦୂର କରିବା ପାଇଁ ଆପ୍ରାଣ ଚେଷ୍ଟା କରାଯିବ ବୋଲି ମେୟର ସୁବାସ ସିଂ କହିଛନ୍ତି।

ସେହିଭଳି ଅଧିକାରୀମାନେ ନିଜ ଇଚ୍ଛାରେ କାମ କରୁଛନ୍ତି। ଆମ କଥା କେହି ଶୁଣୁ ନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ନବ ନିର୍ବାଚିତ ସମସ୍ତ କର୍ପୋରେଟର। ତେଣୁ ସିଏମ୍‌ସି



କମିସନର ଅନନ୍ୟା ଦାସ ତୁରନ୍ତ ଓ୍ୱାର୍ଷ ସ୍ତରୀୟ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓ୍ୱାର୍ଡ ନମ୍ବର ୩୪ର ବିଜେପି କର୍ପୋରେଟର ଦୀପକ କୁମାର ଦାସ ଓ୍ୱାର୍ଡ ସମସ୍ୟା ଉପସ୍ଥାପନ କରୁଥିଲେ। ତେବେ ଏଥିରେ ଅଧିକ ସମୟ ନଷ୍ଟ ହେଉଥିବାରୁ ଅନ୍ୟମାନଙ୍କୁ କହିବାର ସୁଯୋଗ ଦେବାକୁ ୪୪ ନମ୍ବର ଓ୍ୱାର୍ଡର ବିଜେଡି କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଆଜି ପ୍ରତିଷ୍ଠାନ ବିଭାଗର ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ତେବେ ଏଥିରେ କର୍ପୋରେଟରମାନଙ୍କୁ ଚଳିତ ବର୍ଷର ଆୟ ଓ ବ୍ୟୟର ହିସାବ ସହିତ ପଙ୍କୋଦ୍ଧାର ପାଇଁ ସିଙ୍ଗଲ୍ ଏଜେର୍ଡା ପ୍ରଦାନ କରାଯାଇଛି। ତେବେ ଚଳିତ ବର୍ଷ ପଙ୍କୋଦ୍ଧାର ପାଇଁ ସିଏମ୍‌ସି ଦ୍ୱାରା ୧ କୋଟି ୬୮ ଲକ୍ଷ ୫୧ ହଜାର ୩୩୪ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ହୋଇଛି। ସେଥିରେ ୧୧୫ଟି ସ୍ଥାନରେ ଡ୍ରେନରୁ ପଙ୍କୋଦ୍ଧାର ସହିତ କିଛି ଡ୍ରେନ କାମ ରହିଛି। ସେହିଭଳି ଆଜି ସିଓମାନଙ୍କୁ ସେମାନଙ୍କ କାର୍ଯ୍ୟ ଅନୁସାରେ ଦରମା ପ୍ରଦାନ କରିବାକୁ ପ୍ରତିଷ୍ଠାନ ଅଧିକାରୀଙ୍କ ନିକଟରେ କର୍ପୋରେଟରମାନେ ଦାବି କରିଛନ୍ତି।

# ସମ୍ବିତଙ୍କୁ ଭର୍ତ୍ସନା କଲେ ସୁର, ଜଗନ୍ନାଥଙ୍କୁ ନେଇ ନାଟକ ନ କରନ୍ତୁ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ। ସମ୍ବିତ ପାତ୍ରଙ୍କୁ ଭର୍ତ୍ସନା କଲେ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ। ସମ୍ବିତ ପାତ୍ର ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ନାଟକ ନକରନ୍ତୁ ବୋଲି କହିଛନ୍ତି ସୁର ରାଉତରାୟ। ସେ ଆହୁରି କହିଛନ୍ତି ସମ୍ବିତ ପାତ୍ର ଜଗନ୍ନାଥଙ୍କୁ କେତେବେଳେ ମୁଣ୍ଡେଇ, କେତେବେଳେ କାଖେଇ ନାଚୁଛନ୍ତି। ସମ୍ବିତ ମୁଣ୍ଡିଆ, କୁଣ୍ଡିଆ ରାଜନୀତି ବନ୍ଦ କରନ୍ତୁ ବୋଲି ତାଚ୍ଛଲ୍ୟ କରି




କହିଛନ୍ତି ସୁର।

ଓଡ଼ିଶାରେ ଧର୍ମକୁ ନେଇ ରାଜନୀତି ନକରାଯାଉ। ପୁରୀ, ଲିଙ୍ଗରାଜ ମନ୍ଦିରର ବିକାଶ ହେଉ। ପର୍ଯ୍ୟଟନ ସୁବିଧା ପାଇଁ ହେଉଥିବା କାମ ତୁରନ୍ତ ଶେଷ କରାଯାଉ। ଭୁଲ୍ ଦେଖିଲେ ଏଏସ୍ଆଇ, ଆର୍କିଓଲୋଜି ଓ ହାଇକୋର୍ଟଙ୍କୁ ସମ୍ବିତ ପାତ୍ର ଜଣାନ୍ତୁ ବୋଲି କହିଛନ୍ତି ସୁର ରାଉତରାୟ। ବାରମ୍ବାର ପୁରୀ ଆସି ନାଟକ ନକରନ୍ତୁ ବୋଲି ବରିଷ୍ଠ କଂଗ୍ରେସ ବିଧାୟକ କହିଛନ୍ତି।

# ନବୀନଙ୍କ ଘୋଷଣା:ବିଶ୍ୱବିଦ୍ୟାଳୟ ହେବ ନବକଳେବର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡ଼ିଶାର ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱିବିଦ୍ୟାଳୟର ହେବ ନବକଳେବର। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ପୂର୍ବରୁ ଏହା କଲେଜ ଅଫ୍ ଇଂଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଭାବେ ଏହା ପରିଚିତ ଥିଲା। ଭିତ୍ତିଭୂମିଠାରୁ ଆରମ୍ଭ କରି ମାନବ ସମ୍ବଳର ବିକାଶ ଜରିଆରେ ଏହି ଅନୁଷ୍ଠାନ ରୂପାନ୍ତର ହେବ।

ତିନି ବର୍ଷରେ ତିନୋଟି ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେବଳ ପ୍ରଥମ ବର୍ଷରେ ୧୦୦୦ କୋଟି ଟଙ୍କା ବିନିଯୋଗ ହେବ। ଆଇଆଇଏମ୍, ଆଇଆଇଟି ଓ ଏନ୍ଆଇଟି ପରି ଖ୍ୟାତିସଂପନ୍ନ ବୈଷୟିକ ଅନୁଷ୍ଠାନ ପରି ଏହାର ବିକାଶ କରାଯାଇପାରିବ। ଆଜି ଏହାର ବିକାଶ ସଂପର୍କିତ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ୪୭୦୦ ଛାତ୍ରଛାତ୍ରୀ ପଢୁଥିବା ବେଳେ ଆଗାମୀ ୫ ବର୍ଷରେ ଯେପରି ୧୦ ହଜାର ଛାତ୍ରଛାତ୍ରୀ ପଢିବାର ସୁଯୋଗ ପାଇବେ, ତାକୁ ଦୃଷ୍ଟିରେ ରଖି ଏହାକୁ ଆଇଆଟି ଢାଞ୍ଚାରେ ବିକାଶ କରାଯିବ।

ଗତ ୧୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିଭୂମି, ପରିଚାଳନା, ଶିକ୍ଷାଦାନ ଆଦି ସଂପର୍କରେ ସମୀକ୍ଷା କରିଥିଲେ। ଏହି ବିଶ୍ୱବିଦ୍ୟାଳୟକୁ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଶିକ୍ଷା ଓ ଗବେଷଣାର ଗୁଣାତ୍ମକମାନ ଉପରେ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera